# ନୂତନ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ଦାବି

ହାଟଡ଼ିହୀ,୨।୭ (ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଡିଭିଜନ ହଦଗଡ଼ ବନାଞ୍ଚଳ ଅଧୀନରେ ନୂତନ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ଜନସାଧାରଣରେ ଦାବି ହେଉଛି। ହଦଗଡ଼ ବନାଞ୍ଚଳ ମଧ୍ୟରେ ରହିଥିବା ହସ୍ତୀ ଅଭୟାରଣ୍ୟର ଆୟତନ ୧୯୧.୮୨ବର୍ଗ କିମି ଅଟେ। ପୂର୍ବରୁ ଏଠାରେ ଅନେକ ସଂଖ୍ୟାରେ ହାତୀପଲ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ




## କର୍ମଚାରୀ ଅଭାବରୁ ବଢୁଛି ଦାୟିତ୍ୱହୀନତା

ଏଠାରେ ଆବଶ୍ୟକ ଅନୁସାରେ ବନ କର୍ମଚାରୀଙ୍କ ଅଭାବ କାରଣରୁ ଅଭୟାରଣ୍ୟର ରାକ୍ଷଣାବେକ୍ଷଣରେ ବ୍ୟତିକ୍ରମ ହେବା ପରି ମନେହେଉଛି। ପୂର୍ବରୁ ଅନେକ ସଂଖ୍ୟାରେ ହାତୀ ଦେଖିବାକୁ ମିଳୁଥିଲା ବେଳେ ଏବେ କ୍ୱଚିତ ହାତଗଣତି ହାତୀ ଦେଖାଯାଉଛନ୍ତି। କାଠକଟା ଓ ହଦଗଡ଼ ମିଶି ମାତ୍ର ୨ଟି ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ରହିଛି। କାଠକଟା ସେକ୍ସନ କାର୍ଯ୍ୟାଳୟ ଅଧୀନରେ କାଠକଟା, କଣ୍ଟିପାଳ, ପିତାନାଉ ଓ ବାହିଆବାରଦଣ୍ଡାକୁ ମିଶାଇ ୪ଗୋଟି ବିଟ୍‌ହାଉସ ରହିଥିବା ବେଳେ ହଦଗଡ଼ ସେକ୍ସନ କାର୍ଯ୍ୟାଳୟ ଅଧୀନରେ ରାଇଘାଟି, ବଣିଆପଙ୍କ, ସଙ୍ଗମ, ହଦଗଡ଼ ଓ ବୈଦାଖିଆ ମିଶି ୫ଗୋଟି ବିଟ୍‌ହାଉସ ରହିଛି। ଉଭୟ ୨ଟି ସେକ୍ସନ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭାଗୀୟ କାର୍ଯ୍ୟରେ ଅନେକ ତ୍ରୁଟି ଏବଂ ଅବହେଳା ପରିଲକ୍ଷିତ ହେଉଛି। ହଦଗଡ଼ ସ୍ଥିତ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟଠାରୁ ହାଟଡିହୀ ବ୍ଲକର ଜୋନ-ନଂ. ୩୬ ଓ ୩୭ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକ ଅନେକ ଦୂରତାରେ ଥିବାରୁ ସେଠାରେ ବନବିଭାଗ ପକ୍ଷରୁ କୌଣସି ପ୍ଲାଣ୍ଟେସନ କିମ୍ବା ବୃକ୍ଷରୋପଣ ଭଳି କାର୍ଯ୍ୟ ଗୁଡ଼ିକର ଉଚିତ ଯତ୍ନ କିମ୍ବା ପ୍ରତ୍ୟେକ୍ଷ ତତ୍ତ୍ୱବଧାନ ସଠିକ ଭାବେ ନିଆଯାଇ ପାରୁନାହିଁ। କର୍ମଚାରୀ ଅଭାବରୁ ଦୂରତା ସମ୍ପନ୍ନ ରାଇଘାଟି ସ୍ଥିତ ବିଟହାଉସର ଫରେଷ୍ଟ ଗାଡର୍ ସଙ୍ଗମ ବିଟ୍ ଦାୟିତ୍ୱ ବହନ କରୁଛନ୍ତି। ଦିନ ଦ୍ୱିପ୍ରହରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଜଙ୍ଗଲରେ ପଶି ବିଭିନ୍ନ ମୂଲ୍ୟବାନ ଗଛଲତା କାଟି ନେଉଥିବା ପୂର୍ବରୁ ଦେଖାଯାଇଛି। ହଦଗଡ଼, ବଣିଆପଙ୍କ ଓ ବୈଦଖିଆ ଭଳି ବିଟ୍‌ହାଉସ ମାନଙ୍କରେ ମହିଳା ଫରେଷ୍ଟ ଗାଡର୍ ଥିବାରୁ ସେମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା କାର୍ଯ୍ୟ ସୁଚାରୁରୂପେ ହେଉନଥିବା ଅନୁମାନ କରାଯାଇଛି। ବିଶେଷ କରି ଏହି ଅଭୟାରଣ୍ୟର ପାଦଦେଶ ମାନଙ୍କରେ ଆଦିବାସୀ ଲୋକମାନେ ବସବାସ କରୁଥିବାରୁ ବାହାର ଅଞ୍ଚଳର କିଛି କଳାବେପାରୀ ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକଙ୍କ ସହ ବାଣିଜ୍ୟ କରିବା ନେଇ ବନ୍ଧୁତା ସ୍ଥାପନ କରି ଆଦିବାସୀ ଲୋକଙ୍କୁ ଖାଦ୍ୟପେୟ, ଆର୍ଥିକ ଇତ୍ୟାଦି ବାବଦରେ ପ୍ରଲୋଭନ ଦେଖାଇ ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ଲୁଟି ନେଉଛନ୍ତି। ଏପରିକି କାରସାଦି କରି ଜଙ୍ଗଲରୁ ବିରାଟ ବଡ଼ ବଡ଼ ଗଛ ମଧ୍ୟ ଚୋରି କରି ନେଉଥିବା ନଜିର ରହିଛି। ହଦଗଡ଼ ବନାଞ୍ଚଳ ଅଧିକାରୀ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାର ମୌକା ଦେଖି ବିଭିନ୍ନ ସ୍ଥାନରୁ କେତେବେଳେ ଲକ୍ଷାଧିକ ଟଙ୍କାର ଜଙ୍ଗଲଜାତ ଦ୍ରବ୍ୟ ଚୋରି ହେଉଛି ତ ପୁଣି କେତେବେଳେ ପଶୁଜନ୍ତୁଙ୍କୁ ମଧ୍ୟ ମାରି ଲୋକେ ଖାଇ ଦେଉଥିବା ଭଳି ଘଟଣା ଘଟିଯାଉଛି। ଏଭଳି ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ବିଭାଗୀୟ କାର୍ଯ୍ୟକୁ ହାଲୁକା କରିବା ସହ ଜଙ୍ଗଲର ସଠିକ ଦାୟିତ୍ୱ ନେବା ପାଇଁ ବଣିଆପଙ୍କ ବିଟହାଉସ ସହ ଏକ ନୂତନ ସେକ୍ସନ କାର୍ଯ୍ୟାଳୟ ଖୋଲିବାକୁ ସାଧାରଣରେ ଦାବି ହେଉଛି।

● ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍

## ଡ୍ରାଇଭର ଗୁରୁତର



**ତୁରୁମୁଙ୍ଗା,୨।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ର ଧାନବେଣୀ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରକ୍ ପଛ ପଟକୁ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ପଛ ଟ୍ରକ୍‌ର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଏବଂ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଗାଡି ଭିତରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭର ହେଲେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ମଡକୁ ହେମ୍ବ୍ରମ (୨୩) ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣା ପଡ଼ିଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ



**କେନ୍ଦୁଝର,୨।୭ (ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ ଗତ ୨୯ ତାରିଖରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଦୁଇଟି ଗ୍ରୁପରେ ବିଭକ୍ତ ହୋଇ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଧାରଣଜ୍ଞାନ, ପ୍ରବନ୍ଧ, ବକ୍ତୃତା ଏବଂ ଓଡ଼ିଆ ଅନୁବାଦ ପରି ବିବିଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନେ ଆଗକୁ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ ମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିବେ।

## କଂକ୍ରିଟ ରାସ୍ତାରେ ଜମୁଛି ବର୍ଷାପାଣି



**ହାଟଡିହୀ,୨।୭ (ସମିସ):** ହାଟଡିହୀ ବ୍ଲକ ଅଧକ୍ଷନ ସରମଙ୍ଗା ଛକ ଠାରୁ ସରଙ୍ଗ ଛକ ଯାଏଁ ଲମ୍ବିଥିବା ମୁଖ୍ୟରାସ୍ତାର ତେମଳ ଗାଁ ବିଦ୍ୟୁତ ଟ୍ରାନ୍ସଫରମର ନିକଟସ୍ଥ ନବନିର୍ମିତ କଂକ୍ରିଟ ରାସ୍ତାରେ ବର୍ଷା ମାତ୍ରକେ ପାଣି ଠିଆ ହୋଇ ରହୁଛି। ଲୋକଙ୍କ ଯା'ଆସରେ ନାନା ସମସ୍ୟା ସୃଷ୍ଟି ହେଉଥିଲା ବେଳେ ଗାଁ ଲୋକେ ରାସ୍ତାର ୫ଇଞ୍ଚିଆ ସୁରକ୍ଷା କାନ୍ଥରେ ଚଢ଼ି ଯିବାଆସିବା କରୁଛନ୍ତି। ଅସାବଧାନତା ଯୋଗୁଁ ଅନେକ ବାଇକ ଆରୋହୀଙ୍କ ସହିତ ସ୍କୁଲ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ସେହି ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ଦୁଇଟି ବଡ଼ ଗାଁର ମୁଖ୍ୟରାସ୍ତା ସାଜିଥିବା ଏହି ରାସ୍ତା ଉପରେ ସରମଙ୍ଗା ଏବଂ ତେମଳା ଗ୍ରାମ ସହ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ହଜାର ହଜାର ଲୋକେ ଏହି ରାସ୍ତା ଉପରେ ନିର୍ଭରକରି ଚଳପ୍ରଚଳ କରନ୍ତି। ଏଣୁ ବିଭାଗୀୟ ଅଧିକାରୀ ଏଭଳି ସମସ୍ୟା ଉପରେ ଦୃଷ୍ଟିଦେଇ ଲଗାଣ ବର୍ଷା ପୂର୍ବରୁ ତୁରନ୍ତ ଏହାର ସମାଧାନ କରାଇବାକୁ ସାଧାରଣରେ ଦାବି ହେଉଛି।

## ପାଟଣା ବନବିଭାଗ ପକ୍ଷରୁ ଚାରାବଣ୍ଟନ




**ପାଟଣା,୨।୭ (ସମିସ):** ପାଟଣା ବନ ବିଭାଗ ପକ୍ଷରୁ ପାଟଣା ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାରା ବଣ୍ଟନ ପାଇଁ ଏକ ଷ୍ଟଲ୍ କରାଯାଇଛି। ଏହାକୁ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ପିଅନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଷ୍ଟଲ୍‌ରେ ଗମ୍ଭାରୀ, ଅମୃତ ଭଣ୍ଡା, ପିଆଶାଳ, ପିଜୁଳି, ଆମ୍ବ, ଡାଳିମ୍ବ, ବେଲ, ସଜନା, ଲେମ୍ବୁ, ତେନ୍ତୁଳି, ଅଶୋକ ଆଦି ଗଛର ଚାରାବଣ୍ଟନ କରାଯାଉଛି।

## ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଦାବି



**ଆନନ୍ଦପୁର,୨।୭ (ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଓ ତାହାର ଆଶୁ ସମାଧାନ ପାଇଁ ଆଜି ବିଜେପି ନେତା ଡ. ଶମ୍ଭୁନାଥ ରାଉତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଦର୍ଶନ କରିଥିବା ଜଣାଯାଇଛି। ପରିଦର୍ଶନ କାଳରେ ଘସିପୁରା ବ୍ଲକ, ତହସିଲ, ଆନନ୍ଦପୁର ମେଡିକାଲ, କୃଷି ଓ ପରାମର୍ଶ କେନ୍ଦ୍ର, ଜଳସେଚନ ବିଭାଗ, ପୂର୍ତ୍ତ ଓ ଗୃହ ବିଭାଗ ଏବଂ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରି ସରକାରୀ ପଦାଧିକାରୀମାନେ ସ୍ଥାନୀୟ ଜନସାଧାରଣମାନଙ୍କୁ ଯୋଗାଇ ଦେବାକୁ ଥିବା ସରକାରୀ ସେବା ଓ କର୍ମଚାରୀମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ତେବେ ରାଜ୍ୟରେ ଶାସନାଧୀନ ନୂତନ ବିଜେପି ସରକାରର ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ଦିଗରେ ବିଭାଗୀୟ ପଦାଧିକାରୀମାନେ ଆନ୍ତରିକତାର ସହିତ କାର୍ଯ୍ୟ କରିବାକୁ ଡ. ରାଉତ ପରାମର୍ଶ ଦେଇଥିଲେ। ଆଲୋଚନା କାଳରେ, କୃଷ୍ଣଚନ୍ଦ୍ର ପରିଡା, ବାବନ ଭୂୟାଁ, ଗୋପୀନାଥ ଜେନା, ରମଣୀ ଚକ୍ର, ପ୍ରଣବ ପୁହାଣ, ବିଜେପି ଯୁବ ନେତା ମାନସ ସାହୁ, ସନ୍ଦୀପ ଜେନା, ଗୋପ ପଣ୍ଡା, ନିରଞ୍ଜନ ସାହୁ, ମାନସ ଆଚାର୍ଯ୍ୟ, ରଞ୍ଜନ ସାହୁ, ବିଦ୍ୟାଧର ବାରିକ, ନାରାୟଣ ଚାନ୍ଦ, ପ୍ରଦୀପ ସାହୁ, ବିଜୟ ସାହୁ, ଜୟନ୍ତ ସେଠୀ, ସୁଦର୍ଶନ ମହାନ୍ତ, ବୁଧଦେବ ମହାରଣା, ଶିବେନ୍ଦ୍ର ଚକ୍ର, ଚତୁର୍ଭୁଜ ମୁର୍ମୁ, ହରେକୃଷ୍ଣ ଜେନା, ବିଶିକେଶନ ଜେନାଙ୍କ ସମେତ ବିଜେପିର ବରିଷ୍ଠ କାର୍ଯ୍ୟକର୍ତା ଓ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସରୁନି କେନାଲ ମରାମତି; ପଡ଼ିଆ ପଡ଼ିଛି ଚାଷ ଜମି

**ସୋସୋ,୨।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ବର୍ଷା ଅଭାବରୁ ଚାଷ ଜମିଗୁଡିକ ଶୁଖିଲା ପଡିଛି। ଫଳରେ ଚାଷ ଜମି ଗୋରୁଗାଈଙ୍କ ଚରାଭୁଇଁ ପାଲଟିଛି। ସ୍ୱଳ୍ପ ବୃଷ୍ଟି ହେତୁ ଚାଷୀଙ୍କର କିଛି ଜମିରେ ଗଜାମାଡ ହୋଇଥିବା ବେଳେ ଧାନ ରୋଇବା ପାଇଁ କାଦୁଆ ଧାନ ତଳି ପଡିପାରିନାହୁଁ। ଯାହାକୁ ନେଇ ଚାଷ କ୍ଷେତ୍ରରେ ବିଳମ୍ବ ଘଟିବା ସହିତ ଚାଷୀ ଚିନ୍ତାରେ ପଡିଛି।

### ଅଷାଢ଼ ମାସରେ କ୍ଷେତରେ ଚରୁଛି ଗୋରୁ



ଏହି ବ୍ଲକରେ ସାଳନ୍ଦୀ ହଦଗଡ ଡ୍ୟାମ ଥିବା ବେଳେ ବିଦ୍ୟାଧରପୁର ବ୍ୟାରେଜରୁ ଭଦ୍ରକ, ବାଲେଶ୍ୱର ଓ ହାଟଡିହି ବ୍ଲକର କିଛି ଚାଷ ଜମିକୁ ଜଳସେଚନ କରାଯାଇଥାଏ। କିନ୍ତୁ ପ୍ରଶାସନର ଠିକାଦାର ପ୍ରେମ ପାଇଁ କେନାଲରେ ପାଣି ଆସି ପାରୁନାହିଁ। କେନାଲ ମରାମତି ନାମରେ ମାସ ମାସ ବିତିଯାଇଥିଲେ ମଧ୍ୟ କାମ ସଂପୂର୍ଣ୍ଣ ହୋଇପାରୁନି। ଯାହାକୁ ନେଇ ଠିକାଦାରଙ୍କ କଟେ ପୁଅ ବାର ସଦୃଶ୍ୟ ହେଉଛି। ବର୍ଷା ଦିନ ଆସିଯାଇଥିବାରୁ ତରବରିଆ ଭାବେ କାର୍ଯ୍ୟ ହେଉଥିବାରୁ କାର୍ଯ୍ୟର ମାନ ଉପରେ ପ୍ରଶ୍ନ ଉଠିଛି। ସ୍ୱଳ୍ପ ବୃଷ୍ଟି ପାଇଁ ଚାଷ କାର୍ଯ୍ୟ ଆଗେଇ ପାରୁନଥିବା ବେଳେ ବିଦ୍ୟାଧରପୁର ଡିଭିଜନରେକେନାଲରେ ପାଣି ଛଡାଯାଇପାରୁନାହି। କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ ଚାଷକାର୍ଯ୍ୟ ଆଗେଇ ପାରୁନି। ପାଣି ଗଚ୍ଛିତ ଥାଇ ମଧ୍ୟ ଜଳସେଚିତ ଜମିର ଚାଷୀ ପ୍ରଶାସନ ଉପରେ ଅନାଇ ବସିଛି।

## ପ୍ରାଧ୍ୟାପକ ମହେଶ କୁମାର ଚାଟାର୍ଜୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

ତୁରୁମୁଙ୍ଗା,୨।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ମହେଶ କୁମାର ଚାଟାର୍ଜୀ ରବିବାର ଚାକିରିରୁ ଅବସର



ଗ୍ରହଣ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧକ୍ଷ ଅଶ୍ୱତ୍ଥାମା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପାଟଣା ମହାବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରଭଞ୍ଜନ ନାଏକ, ସତ୍ୟପ୍ରକାଶ ମହନ୍ତ, ସସ୍ମିତା ତରାଇ, ପ୍ରମିଳା ମହାନ୍ତ, ସୋନାଲିକା ବାରିକ, ରମେଶ ଚନ୍ଦ୍ର ସାହୁ, ରାଜେନ୍ଦ୍ର କୁମାର ମହାନ୍ତ, ସୁଶିଳ କୁମାର ପ୍ରଧାନ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଚାଟାର୍ଜୀ ଦୀର୍ଘ ୩୪ ବର୍ଷର ଚାକିରି ଜୀବନର ଅନୁଭୂତି ପ୍ରଦାନ କରିବା ସହ ସ୍ଥାନୀୟ ପରିଚାଳନା ସମିତର ସମସ୍ତ କର୍ମକର୍ତ୍ତା, ସହଯୋଗୀ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ମିଳାମିଶା ତଥା ଭଲପାଇବା ସର୍ବଦା ଅଭୁଲା ସ୍ମୃତି ହୋଇ ରହିବ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ତତ୍ପରେ ସମସ୍ତଙ୍କ ତରଫରୁ ଅଧ୍ୟକ୍ଷ ଓ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ପ୍ରାଧ୍ୟାପକ ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ମଧ୍ୟ ତାଙ୍କ ତରଫରୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ କିରାଣି ହୃଦାନନ୍ଦ ମହନ୍ତ, ସରୋଜ କୁମାର ସାହୁ, ମଦନ ମୋହନ ସାହୁ, ଜଗଦିଶ ଚନ୍ଦ୍ର ସାହୁ, ଭଗବାନ ମହାନ୍ତ, ସପନ ହାସଦା, ସଞ୍ଜୟ କାରୁଆ ଆଦି ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଡିଇଓ ପଦ୍ମଲୋଚନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଡିଓଙ୍କୁ ଫେରାଦ ହେଲେ ନଣ୍ଡାବର ଗ୍ରାମବାସୀ

**ରାମଚନ୍ଦ୍ରପୁର,୨।୭ (ସମିସ):** ଏବେବି ଗାଁ ଅବହେଳିତ। ଗରିବ ଲୋକ ଆବାସରୁ ବଞ୍ଚିତ। ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ଥିଲା ବାଲା ହାତେଇଛନ୍ତି ରାସନ କାର୍ଡ। ଗୋଚର ବଗାୟତ ମାଡ଼ି ବସିଛନ୍ତି ମୁଷ୍ଟିମେୟ ତଥା ରାଜନୈତିକ ପୃଷ୍ଠପୋଷକ ଥିବା ବ୍ୟକ୍ତି ବିଶେଷ। ଏମିତି ଅନେକ ମାଳ ମାଳ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଅଣ୍ଟା ଭିଡିଛନ୍ତି ବଣପାହାଡ ଘେରା କେନ୍ଦୁଝର ଜିଲ୍ଲା ସୀମାନ୍ତ ଘସିପୁରା ବ୍ଲକ ଅଧୀନ ନଣ୍ଡାବର ଗ୍ରାମବାସୀ। ସ୍ଥାନିୟ ଗ୍ରାମର ଉଦ୍ୟମୀ ଯୁବକ ଅଞ୍ଜନ ବେହେରାଙ୍କ ନେତୃତ୍ୱରେ ଅଭିମନ୍ୟୁ ଜେନା, ପପୁନୁ ଜେନା, ଭାସ୍କର ଜେନା, ପ୍ରହ୍ଲାଦ ପାତ୍ର, ପ୍ରମୋଦ ଜେନା, ଅଜୟ ଜେନା, ଶ୍ରୀନିବାସ ବାରିକ ସମେତ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆଜି ଘସିପୁରା ବିଡିଓ ମାନସରଞ୍ଜନ ସାମଲ ଏବଂ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ଘସିପୁରାସ୍ଥିତ କାର୍ଯ୍ୟାଳୟରେ ପୃଥକ ଭାବେ ଭେଟି

### ଗାଁ ସମସ୍ୟା ସମାଧାନ ଦାବି



ଗ୍ରାମର ସମସ୍ୟା ବିଷୟରେ ଅବଗତ କରାଇବା ସହ ଏହାର ତ୍ୱରିତ ସମାଧାନ ଦିଗରେ ଲିଖିତ ଦାବିପତ୍ର ଦେବା ସହ ପ୍ରଶାସନର ସହଯୋଗ ଲୋଡିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ମିଳିଲେ ଏସବୁ ସମସ୍ୟା ନିଶ୍ଚିନ୍ତ ସମାଧାନ ହୋଇପାରିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି।

## ସରକାରୀ ଜମିରେ ନିର୍ମାଣ ଚାଲିଛି ସ୍ଥାୟୀ ପକ୍କାଗୃହ

**ଆନନ୍ଦପୁର,୨।୭ (ସମିସ):** ଆନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ଥିବା ମୂଲ୍ୟବାନ ସରକାରୀ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କରାୟତ କରିନେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଜେଲ୍ ରୋଡର ପେଟ୍ରୋଲ ପମ୍ପ ପଛ ପାଖରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଗତ ଦୁଇବର୍ଷ ହେବ କେତେକ ବ୍ୟକ୍ତି ଜବରଦଖଲ କରି ନେଇଥିବା ଜଣାଯାଇଛି। ଏହି ସରକାରୀ ଜମିରେ ଏବେ ଚତୁଃପାଶ୍ୱର୍ ପାଚେରୀ କରାଯାଇ କରାୟତ କରାଯାଇଥିବା ବେଳେ କେତେକ ବ୍ୟକ୍ତି ସ୍ଥାୟୀ ପକ୍କାଗୃହ ନିର୍ମାଣ କରୁଥିବା ପରିଲକ୍ଷିତ ହୋଇଛି।



ଏହି ସରକାରୀ ମୂଲ୍ୟବାନ ଜମିକୁ ପ୍ଲଟିଂ କରାଯାଇ ଡିସିମିଲ୍ ପିଛା ୧ ଲକ୍ଷ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଏବେ ଏହି ସରକାରୀ ଜମିକୁ ଏକ ୨୦ ଫୁଟିଆ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ଚାଲିଥିବା ଜଣାଯାଇଛି। ତେବେ ଏହି ରାସ୍ତା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ଆନନ୍ଦପୁର ପୌରପରିଷଦକୁ ଅନୁଦାନ ଯୋଗାଇ ଦେବା ପାଇଁ ବିଧିବଧ ଯୋଜନା ହେଉଥିବା ଅଭିଯୋଗ ହୋଇଛି। ଏଣୁ ଆନନ୍ଦପୁର ଉପଜିଲ୍ଲାପାଳ ଓ ପ୍ରଶାସନ ପକ୍ଷରୁ ଏହି ସରକାରୀ ମୂଲ୍ୟବାନ ଜମିକୁ ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ରାସ୍ତା ମଝିରେ ବିଦ୍ୟୁତଖୁଣ୍ଟ

**ହାଟଡିହୀ,୨।୭ (ସମିସ):** ହାଟଡିହୀ ବ୍ଲକ ସ୍ଥିତ ସଙ୍କଟପାଲିଆ ନିକଟ ପୂର୍ତ୍ତବିଭାଗ ରାସ୍ତା ଠାରୁ ନାୟକସାହି ପର୍ଯ୍ୟନ୍ତ ୮୪୦ମି ରାସ୍ତା ପାଇଁ ସରକାର ୧କୋଟି ୧୯ ଲକ୍ଷ ୯୫ହଜାର ଟଙ୍କା ଅନୁଦାନ ଯୋଗାଇଥିଲା ବେଳେ ଅନୁଦାନ



ଅନୁଯାୟୀ ରାସ୍ତା କାର୍ଯ୍ୟ ହୋଇନଥିଲା ପରି ମନେହେଉଛି। ଆଦିବାସୀ ଅଞ୍ଚଳରେ ରାସ୍ତା ନିର୍ମାଣରେ ସେମିତି କେହି ପ୍ରତିବାଦ କରିବାକୁ ନଥିବା ଭାବି ସମ୍ପୃକ୍ତ ଠିକାଦାର ମନଇଚ୍ଛା ରାସ୍ତା ନିର୍ମାଣ କରିଦେଇଥିବା ପରିଲକ୍ଷିତ ହୋଇଛି। ରାସ୍ତାର କମ୍ପାକ୍ସନ ପାଇଁ ଆବଶ୍ୟକୀୟ ସାମଗ୍ରୀର ବ୍ୟବହାର ଠିକ୍‌ଠାକ୍ ହୋଇନଥିବା ପରି ମନେହେଉଛି। ଠିକାଦାର ଅଧିକ ମୁନାଫା ଆଶାରେ ରାସ୍ତାର ସ୍ଥାୟିତ୍ୱକୁ ଭୁଲି ଅତ୍ୟନ୍ତ ନିମ୍ନମାନର ପିଚୁ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ରାସ୍ତାର କାର୍ଯ୍ୟ ମୋଟାମୋଟି ସରିଯାଇଥିଲା ବେଳେ ଏବେ ରାସ୍ତାଟି ଯେ କେତେଦିନ ଟିକି ରହିବ ତାହା ମୁଖ୍ୟପ୍ରସଙ୍ଗ ସାଜିଛି। ଅପରପକ୍ଷେ ଦେଖିବାକୁ ଗଲେ, ତ୍ରିକୋଣୀୟ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟଟି ସ୍ଥାନୀୟ ଲୋକଙ୍କ ଚଳପ୍ରଚଳରେ ନାନା ସମସ୍ୟା ସୃଷ୍ଟି କରୁଛି। ଏପରିକି ବାଇକ ଆରୋହୀଙ୍କ ପାଇଁ ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏଭଳି ନିମ୍ନମାନର ରାସ୍ତାକାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀ କିପରି ଆଖିବୁଜି ବିଲ ପାସ କଲେ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଆନନ୍ଦପୁର ଉପଜିଲ୍ଲାପାଳ ଏହି ନବନିର୍ମିତ ରାସ୍ତାକାର୍ଯ୍ୟ ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରି ଏହାର କ୍ୱାଲିଟି ଯାଞ୍ଚ କରାଇ ରାସ୍ତାର ସ୍ଥାୟିତ୍ୱ ଉପରେ ନଜର ଦେବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି।

## ନୂଆ ଅପରାଧିକ ଆଇନ ସମ୍ପର୍କିତ ସଚେତନତା

କେନ୍ଦୁଝର,୨।୭ (ସମିସ)

କେନ୍ଦୁଝର ଜିଲ୍ଲା କାରାଗାର ଏବଂ ଜିଲ୍ଲା ପରିବିକ୍ଷଣ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା କାରାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚତୃଭୁଜ ହୋତା ଯୋଗ ଦେଇ ଦେଶରେ ଲାଗୁ ହୋଇଥିବା ନୂଆ ଅପରାଧିକ ଆଇନ ଏଣିକି ଦଣ୍ଡ ନୁହେଁ ଜନତାଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ କରିବ ବୋଲି କହିଥିଲେ। ଏହା ଲାଗୁ ହେଲେ ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ଅଧିକ ଆସ୍ଥା ବଢିବ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ



ଏହି ୩ ଟି ଆଇନ ଲାଗୁ କରାଯାଇଛି। ଏହା ବିଟ୍ରିଶ ଅମଳର ୩ଟି ଆଇନ ଭାରତୀୟ ପିଙ୍ଗଳ କୋର୍ଡ, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଭାରତୀୟ ପ୍ରମାଣ ଆଇନର ସ୍ଥାନ ନେଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ ଯୋଗଦେଇ ଏହି ନୂତନ ଆଇନ ବ୍ୟବସ୍ଥାରେ ପ୍ରତ୍ୟେକ ପୀଡିତାଙ୍କୁ ସୁନିଶ୍ଚିତ ନ୍ୟାୟ ମିଳିବ, ମହିଳା ଓ ଶିଶୁ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ ନ୍ୟାୟ ପାଇଁ ସଠିକ୍ ସମୟରେ ମାମଲାର ବିଚାର ଏବଂ ଡିଜିଟାଲ ପ୍ରମାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇନଜୀବି ସନ୍ଦିପ ପଟ୍ଟନାୟକ ନୂତନ ଅପରାଧିକ ଆଇନ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ନିଜ ସଭାପତିତ୍ୱ ବକ୍ତବ୍ୟରେ ନ୍ୟାୟ ଏବଂ ନାଗରିକମାନଙ୍କ ମର୍ଯ୍ୟାଦା ପାଇଁ ଏହି ଆଇନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନୂଆ ଅପରାଧିକ ଆଇନ ଜୁଲାଇ ୧ ତାରିଖ ସୋମବାରଠାରୁ କାର୍ଯ୍ୟକାରୀ ହୋଇଥିବାରୁ ଦଣ୍ଡ ସ୍ଥାନରେ ତ୍ୱରିତ ନ୍ୟାୟ ମିଳିବ ବୋଲି କହିଥିଲେ। ଜିଲ୍ଲା ପରିବିକ୍ଷଣ ଅଧିକାରୀ ନିବାସ ପୃଷ୍ଟି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ରଖିଥିଲେ। ଶେଷରେ ଜେଲର ମନସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୬୮ ଜଣ ଜେଲ ଅନ୍ତେବାସୀ ଯୋଗ ଦେଇଥିଲେ।

# ଉଠାଜଳସେଚନ ପ୍ରକଳ୍ପରୁ ବିଦ୍ୟୁତ ତାର ଚୋରି

**ତୁରୁମୁଙ୍ଗା/ପାଟଣା,୨।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଭଅଁରପୁର ଗାଁ ନିକଟରେ ଥିବା ଉଠାଜଳସେଚନ ପ୍ରକଳ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଗୁଡିକୁ କେହି ଦୁର୍ବୃତ୍ତ ରବିବାର ରାତିରେ ଚୋରି କରି ନେଇଥିବା ତୁରୁମୁଙ୍ଗା ଥାନାରେ ତୁରୁମୁଙ୍ଗା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଉମେଶ ଚନ୍ଦ୍ର ଭୂୟାଁ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ୨୧୧/୨୪ରେ ଏକ ମାମଲା ରୁଜୁ କରି ଏସଆଇ ରସାନନ୍ଦ ନାୟକ ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟପଟେ ବିଦ୍ୟୁତ ବିଭାଗର ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ତାର ଚୋରି ବଢୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ କିଛି ଦିନ ପୂର୍ବରୁ ଝଡ଼ବାତ୍ୟା ଯୋଗୁଁ ବିଦ୍ୟୁତ ଟ୍ରାନ୍ସଫର୍ମର ସହ ତାର ଓ ଖୁଣ୍ଟ ଉପୁଡି ପଡିଥିଲା। ବିଭାଗୀୟ କର୍ମଚାରୀ କେବଳ ଟ୍ରାନ୍ସଫର୍ମରକୁ ବିଦ୍ୟୁତ କାର୍ଯ୍ୟାଳୟକୁ ଆଣିଥିଲେ ହେଁ ତାର ଗୁଡିକୁ ଖୋଲି ଆଣି ନଥିବା ଯୋଗୁଁ ତାର ଚୋରି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

# ସାର ଓ ବିହନ ବିକ୍ରୟ ଦୋକାନରେ ଚଢ଼ଉ



**ତୁରୁମୁଙ୍ଗା,୨।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ବିହନ ଓ ସାର ବିକ୍ରି ହେଉଛି। ମଙ୍ଗଳବାର ଏନ୍‌ଫର୍ସମେଣ୍ଟ ଟିମ୍ ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ମହମ୍ମଦ ସାହିଦ ସଲାମ ଧାନ ବିହନ କେନ୍ଦ୍ରରେ ଚଢ଼ଉ କରି ଶଙ୍କର ଜାତୀୟ ୧୬୫ କିଗ୍ରା ଧାନ ବିହନ ଜବତ କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଅନୁରୂପ ଭାବେ କେନ୍ଦେଇପଶି ହନୁମାନ ଛକରେ ଥିବା ପ୍ରଫୁଲ କୁମାର ସେଠୀଙ୍କ ବେଆଇନ ସାର ଦୋକାନରେ ଏହି ଟିମ ଚଢ଼ଉ କରିଥିଲା। ସାର ଦୋକାନରେ ଅଳ୍ପ ଖୋଲା ସାର ଥିବାରୁ ଜବତ ହୋଇ ପାରି ନଥିବା ବେଳେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ଚଢ଼ଉରେ ରବୀନ୍ଦ୍ର କୁମାର ସେଠୀଙ୍କ ସହ ପାଟଣା କୃଷି ଅଧିକାରୀ ପରେଶ କୁମାର ଦାଶ, କୃଷି ଅଧିଦର୍ଶକ ଦୁର୍ଗାଚରଣ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଧକୋଠା ବିଦ୍ୟାଳୟରେ ବୃକ୍ଷରୋପଣ



ଆନନ୍ଦପୁର,୨।୭ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗ ଓ ଧକୋଠା ଉଚ୍ଚବିଦ୍ୟାଳୟର ଇକୋ କ୍ଲବ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଧକୋଠା ଉଚ୍ଚ ବିଦ୍ୟାଳୟ ପରିସରରେ ଜାମୁ, ପିଜୁଳି, ଅସନ, ବଉଳ, ଶାଗୁଆନ୍ ଆଦି ୨୫ଟି ଚାରା ରୋପଣ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ ସୁରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ଷେଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଯୋଗ ଦେଇ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ ବିଭାଗର ମଧୁସୂଦନ ସାହୁ, ଚିତରଂଜନ ପାଲ, ସୌଭାଗ୍ୟ ଜେନା, ଶିକ୍ଷକ ସତ୍ୟାନନ୍ଦ ନାୟକ, ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ସାହୁ, ସମାଜସେବୀ ଛବିନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହରିହର ମୁର୍ମୁ, ତ୍ରିଲୋଚନ ସାହୁ, ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ, ସୌଜନ୍ୟ ପଣ୍ଡା, ସୁଜାତା ଦଳେଇ, ଲବସ୍ମିତା ସେଠୀ, ଅଶୋକ ଗୋଛାୟତ ଓ କର୍ମଚାରୀ ଅଜୟ ଦେହୁରୀ ସହ ଯୋଗ କରିଥିଲେ।

## ପାଟଣା ରେଞ୍ଜରେ ହାତୀପଲଙ୍କ ଆତଙ୍କ

# ଏକର ଏକର ଧାନ ଚାଷ ନଷ୍ଟ

ତୁରୁମୁଙ୍ଗା,୨।୭ (ସମିସ)





**ସପ୍ତାହକରେ ଭାଙ୍ଗିଲେଣି ୧୦ରୁ ଊର୍ଦ୍ଧ୍ୱ ଘର**

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଥମୁନି ହାତୀ ଆତଙ୍କ। ଏକ ସପ୍ତାହ ହେଲାଣି ୨୪ ଟିକିଆ ହାତୀପଲ ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକ ଅତିଷ୍ଠ ହୋଇପଡିଥିବା ବେଳେ ସୋମବାର ରାତିରେ ଡିଏଫ୍ଓ ଏଚ୍‌ଡି ଧନରାଜ୍‌ଙ୍କ ଉପସ୍ଥିତିରେ ବନ ବିଭାଗ ହାତୀପଲଙ୍କୁ ମୟୂରଭଞ୍ଜ ଅଞ୍ଚଳକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ। ତେବେ ଆଉ ଦୁଇ ଗୋଠଛଡ଼ା ଦନ୍ତା ସୋମବାର ରାତିରେ ସାହାରପଡା ସେକ୍ସନ ଏବଂ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇ ୩ ଜଣଙ୍କ ଘର ଭାଙ୍ଗି ଦେଇଛନ୍ତି। ଏହା ଛଡ଼ା ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ମାଛଗଡ଼ ବିଟ୍ ଅସନବଣି ଗ୍ରାମର ବଳରାମ ମାଝୀଙ୍କ ଘର ଭାଙ୍ଗିବା ସହ ଖିରେଇଟାଙ୍ଗିରୀ ସେକ୍ସନ ଡାବରଚୁଆ ଗ୍ରାମରେ ଆଉ ଏକ ଗୋଠଛଡ଼ା ଦନ୍ତା ଗ୍ରାମର ଜହର ନାଏକ ଏବଂ ମିନାକ୍ଷୀ ନାଏକଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଛି। ହାତୀଙ୍କ ଉପଦ୍ରବରେ ଅଞ୍ଚଳବାସୀ ଆତଙ୍କିତ ଥିବା ବେଳେ ବିଳମ୍ବିତ ରାତିରେ ୨୪ ଟିକିଆ ହାତୀପଲ ଭୀମକୁଣ୍ଡ ନିକଟରେ ବୈତରଣୀ ନଦୀ ପାର ହୋଇ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବେଶ କରିଛନ୍ତି। ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତାଟି ମଇଦାନକେଲ ଗାଁ ନିକଟରେ ଘୁରି ବୁଲୁଥିବା ବେଳେ ମାଛଗଡ଼ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତାଟି ମୟୂରଭଞ୍ଜ ଜିଲ୍ଲା ଟିକାସିଲ ଜଙ୍ଗଲକୁ ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖୁବଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା କୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମିଶନଶକ୍ତି ମହିଳାଙ୍କ ପକ୍ଷରୁ ଚାରାରୋପଣ



**ଆନନ୍ଦପୁର,୨।୭ (ସମିସ):** ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ତଥା ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଆନନ୍ଦପୁର ବ୍ଲକ ବେଲବାହାଲି ଓ ଏହାର ଆଖପାଖ ଅଞ୍ଚଳର ମିଶନ ଶକ୍ତିର ମହିଳାମାନେ ଏହି କ୍ରମରେ ନିଜ ନିଜ ବାଡିରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ସହ ସବୁଜ ଓଡିଶା ନିର୍ମାଣ ଦିଗରେ ପ୍ରୟାସ ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କୃଷି ଓ ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ ଓ ନର୍ସରୀରେ ଥିବା ଗଛଗୁଡିକୁ ମିଶନ ଶକ୍ତି ମାଆ ମାନଙ୍କୁ ଯୋଗାଇ ଦେବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ସାଢେ ୪ କୋଟି ଓଡିଆଙ୍କ ଲାଗି ସାଢେ ଚାରି କୋଟି ଗଛ ଲଗାଇବାକୁ ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତିର ଲକ୍ଷ୍ୟ ରହିଥିବା ବେଳେ ମିଶନ ଶକ୍ତିର ମା'ମାନେ ଯୋଜନା ଆରମ୍ଭର କିଛି ଦିନ ମଧ୍ୟରେ ଶହ ଶହ ଗଛ ଲଗାଇଥିବା ଜଣାଯାଇଛି। ନିଜ ବାଡି ହେଉ କିମ୍ବା ରାସ୍ତା କଡ଼ରେ ଗଛ ଲଗାଇ ଏହାର ସଠିକ ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ମିଶନ ଶକ୍ତିର ପ୍ରିୟଙ୍କା ବେହେରା ପ୍ରକାଶ କରିଛନ୍ତି।

# ଅନ୍ୟ ଏକ ବୈତରଣୀ ପକ୍ଷରୁ ବନ ମହୋତ୍ସବ




**ଆନନ୍ଦପୁର,୨।୭ (ସମିସ):** ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକୀରପୁରର ଅଗ୍ରଣୀ ଅନୁଷ୍ଠାନ ଅନ୍ୟ ଏକ ବୈତରଣୀ ପକ୍ଷରୁ ବନ ମହୋତ୍ସବ ସ୍ଥାନୀୟ ଜୟଦୁର୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅନୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ବୈଲୋଚନ ସୂତାର ଓ ସମ୍ମାନୀୟ ଅତିଥି ଭାବେ କାଉନସିଲର ସୁଜିତ କୁମାର ସାହୁ, ନିବେଦିତା ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାମ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବା ସହିତ ନିଜ ନିଜ ବାଡିରେ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଶାଗୁଆନ ଗଛ ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଅନୁସୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଦେଓଗାଁ ବନାଞ୍ଚଳରେ ବନ ମହୋତ୍ସବ



**ଆନନ୍ଦପୁର,୨।୭ (ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶକ୍ରମେ ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଉମାକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଗୌଣିପଶା ପଞ୍ଚାୟତ ପରିସରରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ଅଧିକାରୀ, ତିନିଟି ଡିଭିଜନର ଫରେଷ୍ଟଗାର୍ଡ, ବନ୍ଦିତା ଦାଶ, ଟିମ୍ ଲିଡର ରବିନ୍ଦ୍ର ପାତ୍ର, ଡିଓ ଦୋଳଗୋବିନ୍ଦ ମହାନ୍ତ, ତ୍ରିଲୋଚନ ପ୍ରଧାନ, ଏମ୍‌ବିକେ ସ୍ୱର୍ଣ୍ଣମାଳା ମହାନ୍ତ, ସଭାନେତ୍ରୀ ଶିଖାରାଣୀ ଦେହୁରୀ, ସମ୍ପାଦିକା କାଞ୍ଚନ ମହାନ୍ତ, ସିଆରପିସିଏମ ମମତା ମହାନ୍ତ, ଚନ୍ଦ୍ରିକା ପାତ୍ର, ପ୍ରମିଳା ମହାନ୍ତ, ସୁମିତ୍ରା ମହାନ୍ତ, ସୁମତି ମହାନ୍ତ, କୋଇଲି ଟୁଡୁ, ସିନିଙ୍କ ମାଝୀ, କୃଷିମିତ୍ର ସସ୍ମିତା ମହାନ୍ତ, ପ୍ରାଣୀମିତ୍ର ସୁମିତ୍ରା ମହାନ୍ତ, ଅହଲ୍ୟା ମହାନ୍ତ ଓ ମିଶନ ଶକ୍ତିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବନ ମହୋତ୍ସବରେ ସହଯୋଗ କରିଥିଲେ।

# ସଂସ୍କୃତ ମହାବିଦ୍ୟାଳୟରେ ବନ ମହୋତ୍ସବ



**ଆନନ୍ଦପୁର,୨।୭ (ସମିସ):** ଆନନ୍ଦପୁର ବ୍ଲକ ଟୁଙ୍କୁଣାସ୍ଥିତ ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରାରମ୍ଭିକ ଦିବସରେ ମହାବିଦ୍ୟାଳୟ ସଭାଗୃହରେ ଭାରପ୍ରାପ୍ତ ଅଧ୍ୟକ୍ଷ ମନୋରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୁବ ରେଡ୍‌କ୍ରସର କାଉନସିଲର ଡ. ଗୋପୀନାଥ ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁଦର୍ଶନ ସାହୁ ଯୋଗ ଦେଇ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଔଷଧୀୟ ବୃକ୍ଷ ରୋପଣ ଓ ପାରମ୍ପରିକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ ମହୋତ୍ସବ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତୀକ୍ଷା ମିଶ୍ର ପ୍ରଥମ ସ୍ଥାନ, ବିନୋଦ ଖଟୁଆ ଦ୍ୱିତୀୟ ସ୍ଥାନ ଓ ବିଦିଶା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୟାସୀ ପ୍ରିୟଦର୍ଶିନୀ ବେହେରା, ଲୀମା ଜେନା, ବର୍ଷା ଦେହୁରୀ, ଲିପି ଦାସ, ରୂପାଲୀ ଦାସ, ତୃପ୍ତିରେଖା ଦାସ ଓ ଶ୍ରାବଣୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଯଦୁନାଥ ମିଶ୍ର ଓ ବିଜୟ କୁମାର ମିଶ୍ର ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ ଯୋଡ଼ା ପକ୍ଷରୁ ବନ ମହୋତ୍ସବ



ଯୋଡ଼ା,୨।୭ (ସମିସ): ପରିବେଶ ସନ୍ତୁଳନ ଓ ଜନସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ ଟାଟା ଷ୍ଟିଲ ଯୋଡା ପକ୍ଷରୁ ବନ ମହୋତ୍ସବ ଯୋଡାଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଜଣ ସାମ୍ବାଦିକ ସାମିଲ ହୋଇ ଆମ୍ବ, ଲେମ୍ବୁ, ପିଜୁଳି, ସପେଟା ଭଳି ଫଳ ଧାରଣକାରୀ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳବୃଦ୍ଧବନିତା ହୃଦୟଙ୍ଗମ କରି ଚାରା ରୋପଣ କରିବାର ସମୟ ଆସିଛି ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ। ବନ ମହୋତ୍ସବ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଥାଏ। ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି ବନ ମହୋତ୍ସବର ଉଦ୍ଦେଶ୍ୟ ବୋଲି ମତପ୍ରକାଶ ପାଇଛି।

## ବର୍ଷ ବର୍ଷ ଧରି ପୂରଣ ହେଉନି ଶିକ୍ଷକ ପଦ

# ୮ଟି ଶ୍ରେଣୀକୁ ତିନି ଜଣ ଶିକ୍ଷକ

ସୋସୋ,୨।୭ (ସମିସ)




- ଆବାସିକ ବିଦ୍ୟାଳୟରେ ୨୨୬ଜଣ ଛାତ୍ରଛାତ୍ରୀ
- ୧୦୯ ଜଣ ଛାତ୍ରୀଙ୍କୁ ଜଗୁଛନ୍ତି ରୋଷେୟା

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକର ୧୯୫୪ ମସିହାରେ ଆରମ୍ଭ ହୋଇଥିବା କୁଶଟିକିରି ବିଦ୍ୟାଳୟଟି ଏବେ ସମସ୍ୟା ଘେରରେ ରହିଛି। ଛାତ୍ରୀ ଆବାସିକରେ ମେଟ୍ରୋନ ପଦବୀ ଖାଲି ପଡିଥିବାରୁ ରୋଷୟାଙ୍କ ଭରସାରେ ରାତି କଟୁଛି। ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ଥିବାବେଳେ ୨୨୬ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ସେଥି ମଧ୍ୟରୁ ୧୦୯ ଜଣ ଛାତ୍ରୀ ଆବାସିକରେ ରହି ସରକାରଙ୍କର ସୁବିଧା ପାଇ ଶିକ୍ଷା ଗ୍ରହଣ କରୁଛନ୍ତି। ଏଭଳି କ୍ଷେତ୍ରରେ ମାତ୍ର ୮ଟି ଶ୍ରେଣୀପାଇଁ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ। ସେଥି ମଧ୍ୟରୁ ଜଣେ ଆବାସିକ ବୁଝିବାରେ ସମୟ ଯାଉଥିବା ବେଳେ ଆଉ ଜଣେ ସରକାରୀ କାର୍ଯ୍ୟକ୍ରମ ଓ ବିଭିନ୍ନ କାଗଜପତ୍ର କରିବାରେ ଅଧା ସମୟ ଯାଉଛି। ଗୋଟିଏ ପଟେ ଶିକ୍ଷକ ଅଭାବ; ଅନ୍ୟ ପଟେ ଛାତ୍ରୀ ଆବାସିକର ମେଟ୍ରୋନ ପଦବୀ ଖାଲି। ଯାହାକୁ ନେଇ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସାର ହେଉଛି। ବର୍ଷ ବର୍ଷ ଧରି ବିଦ୍ୟାଳୟର ପଦବୀ ପୂରଣ ହେଉନଥିବାରୁ ଜିଲ୍ଲା ଶିକ୍ଷା ବିଭାଗର ଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଯେଉଁଠି ୮ଟି ଶ୍ରେଣୀ ରହିଛି ଏବଂ ଆବାସିକ ଛାତ୍ରୀନିବାସ ରହିଛି। ଛାତ୍ରୀନିବାସ ଥିଲେ ବି ବିଦ୍ୟାଳୟର ଚାରିପାଖର୍ ପାଚେରି ସଂପୂର୍ଣ୍ଣ ହୋଇପାରିନାହିଁ। ତା'ଛଡା ଆବଶ୍ୟକ ଶ୍ରେଣୀ ଗୃହନଥିବାରୁ ଗୋଟିଏ ଗୋଟିଏ ଶ୍ରେଣୀ ଗୃହରେ ଦୁଇରୁ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀ ବସି ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଆବାସିକ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏହାକୁ ନେଇ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଶିକ୍ଷକ ଓ ଶ୍ରେଣୀ ଗୃହ ପାଇଁ ବାରମ୍ବାର ଜଣାଯାଉଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନାହାନ୍ତି ବୋଲି କହିଥିଲେ। ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ୮ଟି ଶ୍ରେଣୀ ପାଇଁ ୪ଟି ଶ୍ରେଣୀ ଗୃହ ରହିଛି। ମେଟ୍ରୋନ ପଦବୀ ଖୁବଶୀଘ୍ର ପୂରଣ ହେବ ବୋଲି ସୂଚନା ମିଳିଛି ବୋଲି ସେ କହିଛନ୍ତି।

# ନେହରୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଆନନ୍ଦପୁର/ବେଲବାହାଲି,୨।୭ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ସାଇଁକୁଳ ପଞ୍ଚାୟତ ନେହରୁ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ପରିଷଦ ପକ୍ଷରୁ ୫୯ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୀଲିମା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଅନନ୍ତ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ନିରଞ୍ଜନ ପରିଡ଼ା, ରାମଚନ୍ଦ୍ର ନାୟକ, ବେଣୁଧର ପରିଡ଼ା, ବାବାଜୀ ଚରଣ ସାହୁ, ବନମାଳୀ ବେହେରା, ଅନନ୍ତ ଚରଣ ସାହୁ, ରତ୍ନାକର ପରିଡ଼ା, ହରିହର ଦାସ ଯୋଗ ଦେଇଥିଲେ। ସଭାର ଉଦ୍ଦେଶ୍ୟ ତଥା ମୁଖ୍ୟବକ୍ତା ଭାବେ ଉମାକାନ୍ତ ଜେନା ଓ ସଭା ପରିଚାଳନା ଡ. ସନତ କୁମାର ରଥ କରିଥିବା ବେଳେ ଦୈତାରୀ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ପୁରାତନ ଛାତ୍ର ପରିଷଦ ପକ୍ଷରୁ ବର୍ତ୍ତମାନର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ସାର୍ଟିଫିକେଟ ସହ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଘସିପୁରା ବ୍ଲକ୍ ମାଟ୍ରିକ ଟପ୍ପର ହୋଇଥିବା ଆୟୁଷ କୁମାର ଚକ୍ରକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଭାବେ ପାଇଁ ନିଜକୁ ଧନ୍ୟମନେ କରିଛନ୍ତି ବୋଲି ପୁରାତନ ଛାତ୍ର ପରିଷଦ ସଦସ୍ୟ ସଦସ୍ୟା ଅଭିଭାଷଣରେ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରି ଏହି ମନ୍ଦିର କୁ କେତେ କଷ୍ଟ କରି ରକ୍ତ ଝାଳ ବୁହାଇ କରଯାଇଛି ତାହାକୁ ତୁମେ ଅପବ୍ୟବହାର ନ କରି ଏଇଠି ତୁମ ଭବିଷ୍ୟତ ଗଢ଼ି ବାପା ମା' ଗୁରୁଜୀ ଗୁରୁମାଙ୍କ ସହିତ ବିଦ୍ୟାଳୟର ନାମ ରଖ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ପରିଷଦର ସଦସ୍ୟ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, କାଳନ୍ଦୀ ଚରଣ ପଟ୍ଟନାୟକ, ଅଶୋକ ଘଡେଇ, ରାମ ଚକ୍ର, ଦୀପକ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



## ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବ ଜୀଉ

# ୫୦ ବର୍ଷ ଛୁଇଁବ ମହିଳାଙ୍କ ସୁଭଦ୍ରା ରଥଟଣା



### ମହିଳା ସଶକ୍ତିକରଣର ଅନ୍ୟ ଏକ ଉଦାହରଣ

ବାରିପଦା, ୨।୭ (ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚୟ ଲାଭ କରିଥିବା ବାରିପଦାର ରଥଯାତ୍ରା ବେଶ ନିଆରା। ଏଠାରେ ପୁରୀ ରଥଯାତ୍ରା ଭଳି ଅନେକ ସାମଞ୍ଜସ୍ୟ ରହିଥିବା ବେଳେ ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରି ଲକ୍ଷାଧିକ ଭକ୍ତଙ୍କ ସମାଗମରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ସଂସ୍କୃତି, ପରମ୍ପରା, ରୀତିନୀତିକୁ ନେଇ ବାରିପଦାର ରଥଯାତ୍ରା ରାଜ୍ୟ ତଥା ରାଜ୍ୟ ବାହାର ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ଇତିମଧ୍ୟରେ ବାରିପଦାରେ ମହିଳାମାନଙ୍କ ଦ୍ୱାରା ମା' ସୁଭଦ୍ରା ରଥ ଟାଣିବା ମଧ୍ୟ ଅନ୍ୟ ଏକ ନିଆରା ପରମ୍ପରା। ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହିଳାଙ୍କ ସୁଭଦ୍ରା ରଥ ଟଣା ଚଳିତ ଥର ୫୦ ବର୍ଷ ଛୁଇଁବ। ବାରିପଦାରେ ୧୯୭୫ ମସିହାରେ ରଥଯାତ୍ରା ଆରମ୍ଭ ହୋଇଥିବା ବେଳେ ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ହିଁ ଟାଣିବାର ସୁଯୋଗ ପାଇଥାନ୍ତି; ଯାହା ବିଶ୍ୱରେ ଏଭଳି କେଉଁଠି ଦେଖିବାକୁ ମିଳେନାହିଁ। ମାତୃଶକ୍ତି ହେଉଛନ୍ତି ସୃଷ୍ଟିର ନିଅନ୍ତା। ମା ହେଉଛନ୍ତି ଜଗତର ଜନନୀ। ସେଥିପାଇଁ ବାରିପଦାରେ ସମଗ୍ର ନାରୀଶକ୍ତିକୁ ସମ୍ମାନ ଦେବା ପାଇଁ ଆବାହନ କାଳରୁ ଆଜି ପର୍ଯ୍ୟନ୍ତ ଏହି ପରମ୍ପରା ଉଜ୍ଜୀବିତ ହୋଇରହିଛି; ଯାହାକି ମହିଳା ସଶକ୍ତିକରଣର ଅନ୍ୟ ଏକ ଉଦାହରଣ। ବହୁ ପୁରାତନ ପରମ୍ପରା ସହିତ ୧୫୭୫ ମସିହାରୁ ବାରିପଦାରେ ରଥଯାତ୍ରା ହେଉଛି। ମୋଗଲମାନଙ୍କ ପୁରୀ ଆକ୍ରମଣ ଲାଗି ଶ୍ରୀକ୍ଷେତ୍ରରୁ ଯେତେବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୁପ୍ତ ଭାବରେ ରଖାଯିବା ସହିତ ରଥଯାତ୍ରାକୁ ମଧ୍ୟ ବନ୍ଦ୍ ରଖାଯାଉଥିଲା। କିନ୍ତୁ ସେହି ସମୟରୁ ଠାକୁରଙ୍କ ସ୍ୱପ୍ନାଦେଶରେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ମୋଗଲଙ୍କୁ ଭୟ ନ କରି ବାରିପଦାରେ ମନ୍ଦିର ପ୍ରତିଷ୍ଠା କରି ରଥଯାତ୍ରା କରିଥିଲେ। କେବଳ କରୋନା ମହାମାରୀ କାରଣରୁ ଗତ ୨୦୨୦ ମସିହାରେ ସମସ୍ତ ରୀତିନୀତି ହେବ ସତ୍ତ୍ୱେ ରଥଟଣା ହୋଇ ପାରିନଥିଲା। ୧୯୭୫ ମସିହାରେ ଅନ୍ତର୍ଜାତୀୟ ମହିଳା ଦିବସ ପ୍ରାରମ୍ଭ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଏହି ପରମ୍ପରା ଆରମ୍ଭ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ସେତେବେଳେ ଜିଲ୍ଲାପାଳ ବିବେକାନନ୍ଦ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରି ପ୍ରଥମେ ମହିଳାମାନଙ୍କ ଦ୍ୱାରା ମା' ସୁଭଦ୍ରାଙ୍କ ରଥଟଣା ଆରମ୍ଭ କରିଥିଲେ। ପୂର୍ବରୁ ବାରିପଦାକୁ ରଥଯାତ୍ରା ଦେଖିବା ଦୂରଦୂରାନ୍ତରୁ ଅନେକ ଲୋକଙ୍କ ସମାଗମ ହେଉଥିଲା। ତେବେ ଭିଡ଼ କାରଣରୁ ମହିଳାମାନେ ରଥ ଟାଣି ପାରୁନଥିଲେ। ରଥ ଦଉଡି ଧରିବାକୁ ଯାଇ ମହିଳାମାନେ ଆହତ ମଧ୍ୟ ହେଉଥିଲେ। ଏହାର ସମାଧାନ କରିବା ପାଇଁ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ୧୯୭୫ମସିହାରେ ରଥଯାତ୍ରାରେ ପ୍ରଥମ କରି ମା' ସୁଭଦ୍ରାଙ୍କ ରଥକୁ ୫ ଜଣ ମହିଳା ପୁଲିସ ସୁରକ୍ଷାରେ ଇନର କର୍ଡନ ମଧ୍ୟରେ ରଥ ଟାଣିଥିଲେ। ଏଥିପରେ ଆଗାମୀ ରଥଯାତ୍ରା ଧୀରେ ଧୀରେ ମହିଳାମାନେ ଆଉଟର କର୍ଡନକୁ ଆସି ଟାଣିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଶ୍ରଦ୍ଧାଳୁମାନେ ହିଁ ଟାଣିଥାନ୍ତି।

### ପୁରୀ ରଥଯାତ୍ରା ପରିଚାଳନାରେ ସାମିଲ୍ ହେବେ ମୟୂରଭଞ୍ଜର ୪ ଅଧିକାରୀ

ବାରିପଦା, ୨।୭ (ସମିସ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଅଳ୍ପ ଦିନ ଥିବା ବେଳେ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥଯାତ୍ରାକୁ ସୁରୁଖୁରୁରେ ପରିଚାଳନା ସକାଶେ ରାଜ୍ୟ ସରକାର ରାଜ୍ୟର ୯୦ ଜଣ ଅଧିକାରୀଙ୍କୁ ପୁରୀରେ ନିୟୋଜିତ କରିଛନ୍ତି। ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ୩ ଜଣ ଅଧିକାରୀଙ୍କୁ ପରିଚାଳନା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଲେ କୁଳିଅଣା ବ୍ଲକ ବିଡ଼ିଓ ତାପସ କୁମାର ସେଠୀ, ବାଙ୍ଗିରିପୋଷି ବିଡ଼ିଓ ମାନସ ଦଣ୍ଡପାଟ ଏବଂ ଶୁକ୍ଳିର ଅତିରିକ୍ତ ତହସିଲଦାର ରାଜକିଶୋର ଜେନା। ଏମାନେ ପୁରୀରେ ଜୁଲାଇ ୩ରୁ ୧୯ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ଡା. ପ୍ରଣବ ଶଙ୍କର ଦାସଙ୍କୁ ମଧ୍ୟ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

### ଗୋ-ସୁରକ୍ଷା ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦାବିପତ୍ର



ବାରିପଦା, ୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଗୋ ଚାଲାଣ ବୃଦ୍ଧି ପାଉଥିବା ବେଳେ ଗୋ ସୁରକ୍ଷା ନିମନ୍ତେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାରିପଦା ଟାଉନ ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରୁ ପଶ୍ଚିମବଙ୍ଗକୁ ଦୈନିକ ବିପୁଳ ପରିମାଣର ଗୋ ଚାଲାଣ ହେଉଛି; ଯାହାକୁ ରୋକିବା ନିମନ୍ତେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଗୋ ରକ୍ଷକ କର୍ମୀମାନେ ପ୍ରୟାସ କରି ମାଫିଆଙ୍କ ଆକ୍ରମଣର ଶିକାର ହେଉଛନ୍ତି। ତେଣୁକରି ଗୋଚାଲାଣକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ଦାବି ହୋଇଛି। ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହୁଥିବା ଅନୁପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସରକାରୀ ଜମିକୁ ଜବରଦଖଲ କରି ଘର କରି ରହୁଥିବା ବେଳେ ଅନେକ ଅପରାଧରେ ସଂଶ୍ଳିଷ୍ଟ ରହୁଛନ୍ତି। ଏଥିସହିତ ପ୍ରଭୁ ଶ୍ରୀ ହରିବଳଦେବ ଜୀଉଙ୍କ ଦେବତ୍ତୋର ଜମିକୁ ମଧ୍ୟ ଅକ୍ତିଆର କରି ଘର ତିଆରି କରିଥିବା ଅଭିଯୋଗ କରିଛନ୍ତି। ତେଣୁକରି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଉଚ୍ଛେଦ କରିବା ସହ ଧର୍ମ ପରିବର୍ତ୍ତନ ପାଇଁ କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ଗିରଫ

ବାରିପଦା, ୨।୭ (ସମିସ): ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଟାଉନ ଥାନା ପୁଲିସ ଅଭିଯୁକ୍ତକୁଏ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ପ୍ରଫୁଲ ନଗର ଅଞ୍ଚଳର ସ୍ୱର୍ଗତ ସଞ୍ଜିତ ବାରିକଙ୍କ ପୁଅ ସୁମନ ବାରିକ (୨୧)। ନାବାଳିକା ଜଣକ ଦାଦା ଓ ମା'ଙ୍କ ଗତ ଫେବୃଆରୀ ମାସରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପରେ ନାବାଳିକା ଓ ତାଙ୍କର ସାନ ଭଉଣୀକୁ ସେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଗତ ୨୩ ତାରିଖରେ ନାବାଳିକା ଜଣକ ବିଦ୍ୟୁତ ବିଲ ପୈଠ କରିବା ପାଇଁ ଅଭିଯୁକ୍ତ ସହିତ ଯାଇଥିଲେ। ହେଲେ ବିଦ୍ୟୁତ କାର୍ଯ୍ୟାଳୟ ବନ୍ଦ ଥିବାରୁ ଅଭିଯୁକ୍ତଙ୍କ ସହିତ ସମ୍ପର୍କୀୟଙ୍କ ଅନ୍ୟ ଏକ ଘରକୁ ସଫା କରିବାକୁ ଯାଇଥିଲେ। ସେଠାରେ ନାବାଳିକାକୁ ଏକୁଟିଆ ପାଇ ଅଭିଯୁକ୍ତ ଜଣକ ନିଜ ମୋବାଇଲରୁ ଅଶ୍ଳୀଳ ଭିଡିଓ ଦେଖାଇଥିଲା। ତେବେ ନାବାଳିକା ଜଣକ ଏହାର ପ୍ରତିବାଦ କରିବାରୁ ତାକୁ ଜୋର ଜବରଦସ୍ତି ଦୁଷ୍କର୍ମ କରିଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଷ୍ଟେଟ୍‌ବ୍ୟାଙ୍କର ୫ମ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା, ୨।୭ (ସମିସ): ବାରିପଦା ସହରରେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ୫ମ ଶାଖା (ସିଟି) କାର୍ଯ୍ୟାଳୟ ୧୫ନଂ. ୱାର୍ଡ ବାଘଡାରୋଡରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖା ଚିଫ୍ ଜେନେରାଲ ମ୍ୟାନେଜର ଦିନେଶ ପୂର୍ତ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶାଖା କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର ପନ୍ନାମବଲାମ ଏମ, ବାଲେଶ୍ୱର ଜୋନର ଡେପୁଟି ଜେନେରାଲ ମ୍ୟାନେଜର ଶୈଳେଶ କୁମାର ସିହ୍ନା ଓ ବାରିପଦାର ରିଜିଓନାଲ ମ୍ୟାନେଜର ଜଗନ୍ନାଥ ଶ୍ରୀଚନ୍ଦନ ନାୟକ ଯୋଗଦେଇଥିଲେ। ଏହି ଶାଖା ଖୋଲିବା ପରେ ଜିଲ୍ଲାରେ ୩୩ତମ ଶାଖା ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧି ସହିତ ବାରିପଦା ସହରରେ ବ୍ୟାଙ୍କ ଉପଭୋକ୍ତାଙ୍କୁ ଉନ୍ନତମାନର ସେବା ପ୍ରଦାନ ଉଦ୍ଦେଶ୍ୟରେ ଷ୍ଟେଟବ୍ୟାଙ୍କ ପକ୍ଷରୁ ନୂତନ ଶାଖା କାର୍ଯ୍ୟାଳୟ ମଙ୍ଗଳବାରଠାରୁ କାର୍ଯ୍ୟ ଆରମ୍ଭ କରିଛି। ଏଠାରେ ସମସ୍ତ ବ୍ୟାଙ୍କ ସେବା ସହିତ ଲକର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି ବୋଲି ଶ୍ରୀ ପୂର୍ତ୍ତି କହିଛନ୍ତି। ଶାଖାର ପ୍ରଥମ ପରିଚାଳକ ଦେବପ୍ରିୟ ପୀୟୁଷ ମହାନ୍ତି ଦାୟିତ୍ୱ ଭାରଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ତଥା ବିଶ୍ୱ ପର୍ବତ ଆରୋହୀ ପ୍ରସନ୍ନ ମିଶ୍ରଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜାତୀୟ ଡାକ୍ତର ଦିବସରେ ବୃକ୍ଷରୋପଣ ସହ ୩ ଡାକ୍ତର ସମ୍ବର୍ଦ୍ଧିତ



ବାରିପଦା, ୨।୭ (ସମିସ): ଜାତୀୟ ଡାକ୍ତର ଦିବସରେ ବାରିପଦା ରକ୍ତ ଭଣ୍ଡାର ପରିସରରେ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ଡଃ ପ୍ରଣବ ଶଙ୍କର ଦାଶ, ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟରଞ୍ଜନ ନାୟକ ଓ ଡଃ ନୀଲେଶ ଦାସଙ୍କୁ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ଉପଦେଷ୍ଟା ସୋମନାଥ ସିଂହଙ୍କ ସମେତ ରାଜେଶ ନନ୍ଦୀ, ଭରତ ଚନ୍ଦ୍ର ପାତ୍ର, ଜୟପ୍ରକାଶ ମହାନ୍ତ, ରଣଜିତ ଦାସ ଅରବିନ୍ଦ ମୁଖି, ସୁନୀଲ କୁମାର ମୁଖି, ଚିତ୍ତରଞ୍ଜନ ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ବିକାଶ ସାହା, ରୁମା ବାରିକ ସମେତ ରକ୍ତ ଭଣ୍ଡାରର ଟେକନିସିଆନ ପୁଣ୍ଡରିକାକ୍ଷ ଦାସ, କରୁଣାକର ଜେନା, ରୁଚିକା ଖୁରାନା, ଛବି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ମୟୂରଭଞ୍ଜରେ ଏମ୍ସର ଶାଖା ଦାବି କଲେ ସାଂସଦ ମମତା ମହାନ୍ତ



ବିଶୋଇ, ୨।୭ (ସମିସ) : ମୟୂରଭଞ୍ଜ ଜିଲ୍ଲାରେ ଏମ୍ସର ଏକ ଶାଖା ସ୍ଥାପନ ପାଇଁ ରାଜ୍ୟସଭା ସାଂସଦ ମମତା ମହାନ୍ତ ରାଜ୍ୟସଭାରେ ଦାବି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦରେ ଦେଇଥିବା ଅଭିଭାଷଣ ଉପରେ ସାଂସଦ ମମତା ମହାନ୍ତ ଆଜି ମନ୍ତବ୍ୟ ଦେବା ଅବସରରେ ସେ ଏହି ଦାବି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଉଦ୍ୟମ କରି ଏକ ମେଡିକାଲ୍ କଲେଜ ସ୍ଥାପନ କରିଛନ୍ତି। ଏହି ମେଡିକାଲ୍ କଲେଜକୁ ମହାପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରାଯାଇଛି। ତେବେ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ମେଡିକାଲ୍ କଲେଜର ବିକାଶ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଫଳରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହିଛନ୍ତି। ଏଭଳି ପରିସ୍ଥିତିରେ ମୟୂରଭଞ୍ଜ ଜିଲ୍ଲାରେ ଏମ୍ସର ଏକ ଶାଖା ଖୋଲି କେନ୍ଦ୍ର ସରକାର ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରନ୍ତୁ। ଏହାଦ୍ୱାରା ଓଡ଼ିଶାର କେବଳ ଉତ୍ତର ଭାଗର ଲୋକ ନୁହେଁ, ବରଂ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ଲୋକେ ମଧ୍ୟ ଉପକୃତ ହେବେ। ସାଂସଦ ମହାନ୍ତ ତାଙ୍କ ଟିପ୍ପଣୀରେ ଆହୁରି କହିଛନ୍ତି ଯେ, ରାଷ୍ଟ୍ରପତି ନିଜେ ଏହି ଜିଲ୍ଲାର; କିନ୍ତୁ ଏହି ଜିଲ୍ଲାରେ ରେଳ ସେବାକୁ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ଅମର୍ଦ୍ଦା ଓ ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ଦାବି ରଖିଥିଲେ। ସେହିପରି ବହୁ ଗ୍ରାମାଞ୍ଚଳକୁ ମୋବାଇଲ ନେଟୱର୍କ ପହଞ୍ଚି ପାରିନାହିଁ। ଏଥିସହ ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ବିଶୋଇଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ଓଭରବ୍ରିଜ ନିର୍ମାଣ ପାଇଁ ମଧ୍ୟ ଦାବି କରିଛନ୍ତି।

### ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ଆରତି ସାମିଲ




ବାରିପଦା, ୨।୭ (ସମିସ): ପୁଣି ଜାତୀୟସ୍ତରରେ ମୟୂରଭଞ୍ଜ ଜିଲ୍ଲାର ଝିଅ ଚମକିଛନ୍ତି। ୧୧ତମ ସିନିୟର ଜାତୀୟ ରଗବୀ ୭ଏସ ଚାମ୍ପଅନସିପ କ୍ରୀଡାରେ ସେ ଓଡ଼ିଶା ମହିଳା ରଗ୍‌ବୀ ଦଳରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି କୁଳିଅଣା ବ୍ଲକ ଅନ୍ତର୍ଗତ ମାରଙ୍ଗତାଣ୍ଡି ଗ୍ରାମର ଆରତି ମୁର୍ମୁ। ବର୍ତ୍ତମାନ ଖୁଣ୍ଟା ମହାବିଦ୍ୟାଳୟରେ ଯୁକ୍ତ ତିନି ପଢୁଛନ୍ତି। ମହାରାଷ୍ଟ୍ରର ପୁଣେ ସ୍ଥିତ ବାଲେୱାଡି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଜୁଲାଇ ୩ ଓ ୪ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସେ ଏଥିପାଇଁ ମନୋନୀତ ହୋଇଥିବାରୁ ସମର୍ଥକ ମହଲରେ ବେଶ ଆନନ୍ଦ ପ୍ରକାଶ ପାଇଛି। ପୂର୍ବରୁ ଜାତୀୟ ଓ ରାଜ୍ୟସ୍ତରୀୟ ଚାମ୍ପିଅନସିପ ଖେଳି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

## ମୟୂରଭଞ୍ଜ ଜିଲ୍ଲା ଓଡ଼ିଶା ଆଦର୍ଶ ସ୍କୁଲରେ ପଢୁଛନ୍ତି ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

# ହଷ୍ଟେଲ ନ ଥିବାରୁ ଆବାସିକ ଶିକ୍ଷା ବିପର୍ଯ୍ୟସ୍ତ

ବାରିପଦା, ୨।୭ (ସମିସ)



ରାଜ୍ୟର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜରେ କାର୍ଯ୍ୟ କରୁଥିବା ୨୬ଟି ଓଡ଼ିଶା ଆଦର୍ଶ ସ୍କୁଲର ଆବାସିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ସ୍କୁଲଗୁଡିକ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଅର୍ଥାତ ୨୬ଟି ସ୍କୁଲ କାର୍ଯ୍ୟ କରୁଛି। ଜିଲ୍ଲାରେ ୨୦୧୬ରେ ୧୦, ୨୦୧୭ରେ ୧୪ଟି, ୨୦୧୭ ମସିହାରେ ଶ୍ୟାମାଖୁଣ୍ଟା ଓ ୨୦୧୮ ମସିହାରେ ବାଙ୍ଗିରିପୋଷି ବ୍ଲକରେ ଏହି ସ୍କୁଲ ଖୋଲିଛି। ପ୍ରତ୍ୟେକ ସ୍କୁଲର ନିଜସ୍ୱ କୋଠା ନିର୍ମାଣ ଶେଷ ହୋଇଛି। ତେବେ ହଷ୍ଟେଲ ଗୃହ ନିର୍ମାଣ ଅହେତୁକ ବିଳମ୍ବ ହେତୁ ଦୂରଦୂରାନ୍ତରୁ ଆସୁଥିବା ପିଲା ଅସୁବିଧା ଭୋଗୁଛନ୍ତି। ୨୬ଟି ବ୍ଲକରୁ ୨୧ଟିରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଗୃହ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଶାମାଖୁଣ୍ଟା, ବାଙ୍ଗିରିପୋଷି, ଜାମଦା, ମୋରଡା ଓ ବଡ଼ସାହି ବ୍ଲକରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ଅପରପକ୍ଷରେ ୨୬ଟିଯାକ ବ୍ଲକରେ ଏ ଯାଏ ଛାତ୍ରାବାସ ନିର୍ମାଣ ଆରମ୍ଭ ହୋଇନାହିଁ। ଫଳରେ ଛାତ୍ରମାନେ ଆବାସିକ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ସୂଚନା ଅନୁସାରେ, ୨୬ ବ୍ଲକରୁ ୧୮ଟିରେ ୧୦୦ ଓ ୮ଟି ବ୍ଲକରେ ୨୦୦ଶଯ୍ୟା ବିଶିଷ୍ଟ ଛାତ୍ରନିବାସ ଭିନ୍ନ ଭିନ୍ନ ଅନୁଦାନରେ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଗୃହ ଗୁଡିକ ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ ପାଇଁ ଛାତ୍ରମାନେ ଘରୁ ଯା'ଆସ କରୁଛନ୍ତି। ସେହିପରି ୫ଟି ବ୍ଲକରେ ଛାତ୍ରୀଙ୍କ କ୍ଷେତ୍ରରେ ସମାନ ଅବବ୍ୟସ୍ଥା ଲାଗିରହିଛି। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଆବାସିକ ଶିକ୍ଷା ମେଧାବୀ ପିଲାଙ୍କ ପାଇଁ ବ୍ୟବସ୍ଥା ସରକାର ଲକ୍ଷ୍ୟ ରଖିଥିବା ବେଳେ ପିଲାମାନଙ୍କ ଯିବା ଆସିବାରେ ଖର୍ଚ୍ଚ ପାଠପଢ଼ା ଖର୍ଚ୍ଚଠାରୁ ବଳିଗଲାଣି। ଜିଲ୍ଲାର ୨୬ଟି ଆଦର୍ଶ ସ୍କୁଲରେ ବର୍ତ୍ତମାନ ୧୦, ୨୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତନ୍ମଧ୍ୟରୁ ୨୧୦୦ ଛାତ୍ରୀ ହଷ୍ଟେଲରେ ରହି ଶିକ୍ଷା ଗ୍ରହଣ କରୁଥିବାବେଳେ ୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ହଷ୍ଟେଲ ଗୃହ ନିର୍ମାଣ ବିଳମ୍ବ ଯୋଗୁ ଆବାସିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ୨୬ଟି ସ୍କୁଲରେ ଛାତ୍ରଛାତ୍ରୀଙ୍କ ବେଞ୍ଚ ଡେସ୍କ ମଧ୍ୟ ଅଭାବ ଯୋଗୁ ଶିକ୍ଷାଦାନରେ ବ୍ୟାଘାତ ପହଞ୍ଚାଉଛି। ରାଜ୍ୟର ପ୍ରତି ବ୍ଲକର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ସ୍କୁଲ ଶିକ୍ଷା ପ୍ରଦାନ ପାଇଁ ପ୍ରଣୀତ ଯୋଜନା ଉପରୋକ୍ତ ଅବ୍ୟବସ୍ଥା ପାଇଁ ସାକାର ରୂପ ନେବାରେ ବାଧକ ସାଜିଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।



ଅସରାଏ ବର୍ଷାରେ ଉଦଳା ବସ୍‌ଷ୍ଟାଣ୍ଡ ବେହାଲ

# ଆଧୁନିକ ଟର୍ମିନାଲ ନିର୍ମାଣ ନେଇ ଅନିଶ୍ଚିତତା



ଉଦଳା, ୨।୭(ସମିସ): କପ୍ତିପଦା ଉପଖଣ୍ଡର ଏକମାତ୍ର ସହର ହେଉଛି ଉଦଳା। ଉଦଳା, କପ୍ତିପଦା, ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକର ପ୍ରାୟ ସାଢେ ୪ ଲକ୍ଷ ଜନସାଧାରଣ ଉଦଳା ସହର ଉପରେ ନିର୍ଭରଶୀଳ। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି, କୋର୍ଟ କଚେରୀ କାର୍ଯ୍ୟ, ସରକାରୀ ଓ ବେସରକାରୀ କାର୍ଯ୍ୟ ଓ ବ୍ୟବସାୟ ପାଇଁ ଉଦଳା ସହର ଉପରେ ହିଁ ଭରସା କରିଥାନ୍ତି। ଉପଖଣ୍ଡର ଉପାନ୍ତ ଶରତଠାରୁ ଡୁକୁରା ଏବଂ ପାଟଶାଣୀପୁରଠାରୁ ଖୁଣ୍ଟାପାଳ ପର୍ଯ୍ୟନ୍ତ ଏପରିକି ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡର କେତେକ ସଂଲଗ୍ନ ପଞ୍ଚାୟତ ମଧ୍ୟ ଉଦଳା ସହର ଉପରେ ନିର୍ଭର କରନ୍ତି। ଆଦିବାସୀ ବହୁଳ ଏହି ଉପଖଣ୍ଡରେ ୯୦ ପ୍ରତିଶତ ଲୋକ ବସ ସେବା ଉପରେ

## ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲେ ବି ଆରମ୍ଭ ହେଉନି ନିର୍ମାଣ

ମଧ୍ୟ ନିର୍ଭର କରିଥାନ୍ତି। କାରଣ ଏଠାରେ ଗମନାଗମନର ଅନ୍ୟ କିଛି ବ୍ୟବସ୍ଥା ନାହିଁ; କିନ୍ତୁ ଉଦଳା ସହରରେ ଥିବା ବସ୍‌ଷ୍ଟାଣ୍ଡର ଅବସ୍ଥା କହିଲେ ନ ସରେ। ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏପରିକି ଅସରାଏ ବର୍ଷା ହେଲେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଉଦଳା ଏନଏସି ପକ୍ଷରୁ ଏକ ଆଧୁନିକ ବସ୍‌ଷ୍ଟାଣ୍ଡ ବା ଟର୍ମିନାଲ ନିର୍ମାଣ ନେଇ ଚର୍ଚ୍ଚା ହେଉଥିବାବେଳେ ସ୍ଥାନ ଚିହ୍ନଟ ପାଇଁ ପ୍ରକ୍ରିୟା ମଧ୍ୟ ଯୁଦ୍ଧକାଳୀନଭିତ୍ତିରେ ଚାଲିଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ଓ ଉଦଳା-କପ୍ତିପଦା ରାସ୍ତାର ପୁରୁଣାପାଣି ଛକ ନିକଟରେ ଏକ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ତେବେ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନରେ ଆଧୁନିକ ବସ ଟର୍ମିନାଲର ଟେଣ୍ଡର ପ୍ରକ୍ରିୟା ସମାପନ ଗତ ଫେବୃଆରୀ ଶେଷ ସପ୍ତାହରେ ହୋଇଛି ବୋଲି ସରକାରୀ ସୂତ୍ରରୁ ଶୁଣିବାକୁ ମିଳିଛି। ହେଲେ ଏନେଇ ଏନଏସି ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଉଦଳା ବସ ଟର୍ମିନାଲ ନିର୍ମାଣ ଦାୟିତ୍ୱ ଓଏସଆରଟି ଦ୍ୱାରା କରାଯିବା ମଧ୍ୟ ସୂଚନା ମିଳିଛି। ତେବେ ଏନଏସି ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ପୁରୁଣା ପାଣି ନିକଟ ବିସ୍ତୀର୍ଣ୍ଣ ସରକାରୀ ସ୍ଥାନକୁ ରେଜୁଲେସନ ମାଧ୍ୟମରେ ଦିଆଯାଇଥିବାବେଳେ ଥାନା ଛକ ନିକଟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥାନକୁ ଶେଷରେ ଚୂଡାନ୍ତ ହୋଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ନୂତନ ବସ ଟର୍ମିନାଲରେ ବ୍ୟାପକ ସୁବିଧା ରହିଥିବାବେଳେ ସଂକୁଚିତ ସ୍ଥାନରେ ନୂତନ ଟର୍ମିନାଲ ନିଶ୍ଚିତ ଭାବେ ଏକ ଚାଲେଞ୍ଜ ବୋଲି କୁହାଯାଉଛି। ଅପରପକ୍ଷରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ସେମିତି କୌଣସି ସୁବ୍ୟବସ୍ଥା ନାହିଁ। କେବଳ ମାତ୍ର ଏକ ପ୍ରତୀକ୍ଷାଳୟ ରହିଛି; ଯାହାକି ବହୁ ପୁରାତନ। ମରାମତି ଅଭାବରୁ ତାହା ମଧ୍ୟ ବ୍ୟବାହର ଅନୁପଯୋଗୀ ହୋଇପଡ଼ିଛି। କୌଣସି ବିକଳ୍ପ ନଥିବା କାରଣରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଅତି ବିପଜ୍ଜନକ ଅବସ୍ଥାରେ ଆଶ୍ରୟ ନେଇଥାନ୍ତି। ନିକଟରେ ଥିବା ଶୌଚାଳୟର ଅବସ୍ଥା ମଧ୍ୟ ଅନୁରୂପ। ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, କଟକ, ପୁରୀ, କଲକତା, କେଉଁଝର ଅଦି ଦିଗକୁ ଏଠାରୁ ବସ୍ ସେବା ରହିଥିବାବେଳେ ଯାତ୍ରୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବିଶେଷକରି ରାତିରେ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିବା ସୁରକ୍ଷିତ ମଣୁନାହାନ୍ତି ଯାତ୍ରୀ। ଅସରାଏ ବର୍ଷା ହେଲେ ବସ୍‌ଷ୍ଟାଣ୍ଡ କାଦୁଅରେ ପଚପଚ। ପୂରା ବସ୍‌ଷ୍ଟାଣ୍ଡ ଖାଲଖମାରେ ପରିଣତ ହୋଇଛି। ଯାତ୍ରୀମାନେ ଆଣ୍ଠୁଏ ପାଣିରେ ଯିବାଆସିବା କରି ବସ୍‌ରେ ଯାତାୟାତ କରୁଛନ୍ତି। ଏବେ ବର୍ଷା ଋତୁ ଆସିଲାଣି। ଅସରାଏ ବର୍ଷାରେ ଅବସ୍ଥା ବେହାଲ। ଆଗକୁ ଲଗାଣ ବର୍ଷା। ତେଣୁ ପରିସ୍ଥିତି ଅଧିକ ବିପର୍ଯ୍ୟସ୍ତ ହେବା ନିଶ୍ଚିତ। ଏନଏସି କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ତୁରନ୍ତ ନୂତନ ବସ୍‌ଷ୍ଟାଣ୍ଡ ବା ଟର୍ମିନାଲ ନିର୍ମଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି ସହରବାସୀ। ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରୁନାହିଁ ବୋଲି ବରିଷ୍ଠ ଓ ସଚେତନ ନାଗରିକ ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲାରୁ ନୂତନଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ହୋଇଥିବା ଡା କୃଷ୍ଣଚନ୍ଦ୍ର ମହାପାତ୍ର ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି ସହରବାସୀ ନିବେଦନ କରିଛନ୍ତି।

### ଏମାନେ କ'ଣ କୁହନ୍ତି...

ପ୍ରତିଦିନ ଉଦଳା ବସ୍‌ଷ୍ଟାଣ୍ଡକୁ ଯିବାବେଳେ ଅବସ୍ଥା ଦେଖି ଦୁଃଖ ଲାଗେ। ବର୍ଷା ହେଲେ ସବୁଠି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଥାଏ। ଯାତ୍ରୀମାନେ ବହୁତ ହଇରାଣ ହେବା ସହିତ ଅସନ୍ତୋଷ ପ୍ରକାଶ କରଥାନ୍ତି। ଏଣୁ ଉଦଳା ବସ୍‌ଷ୍ଟାଣ୍ଡର କଳେବର ତୁରନ୍ତ ଆବଶ୍ୟକ।

**-ଆନନ୍ଦ ଚନ୍ଦ୍ର ଦାସ, ସାମ୍ବାଦିକ, ଉଦଳା**

ମୋ ସମୟରେ ଡିପିଏମ ପ୍ରସ୍ତୁତ ହୋଇଥିଲା; କିନ୍ତୁ ପ୍ରଶାସନିକ ବିଳମ୍ବ କାରଣରୁ ଏପର୍ଯ୍ୟନ୍ତ ବସ୍ ଟର୍ମିନାଲ ଆରମ୍ଭ ହୋଇପାରିନି। ତେବେ ପୂର୍ବ ସରକାର ସମୟରେ ପ୍ରକ୍ରିୟା ଚୂଡାନ୍ତ ହୋଇଥିବାବେଳେ ପୁଣି ଏବେ ଅନିଶ୍ଚିତତା ମାଧରେ ରହିଛି। ସମ୍ପ୍ରସାରଣ ଭିତ୍ତିକ ବିକାଶ ଦ୍ୱାରା ଠିକ ସ୍ଥାନରେ ନିର୍ମାଣ ହେବାର ଆବଶ୍ୟକ।

**-ସୌଭାଗ୍ୟ ସାହୁ, ପୂର୍ବତନ ନଗରପାଳ, ଉଦଳା**

ଉଦଳା ବସ୍‌ଷ୍ଟାଣ୍ଡର ନୂତନ ରୂପରେଖ ଓଏସଆରଟିଏସ ପ୍ରସ୍ତୁତ କରିଥିବା ବେଳେ ଆବଶ୍ୟକ ସ୍ଥାନ ପାଇଁ ସମସ୍ତ ସହେଯାଗ ଏନଏସି କରିସାରିଛି। ସହରର ବିକାଶ ସହିତ ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ ହେବାର ଅବଶ୍ୟକ ରହିଛି। ଏନଏସି ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିବାବେଳେ ଏ ଦିଗରେ ସମସ୍ତ ଚେଷ୍ଟା କରିବି।

**-ପ୍ରମିଳା ପଣ୍ଡା, ନଗରପାଳ, ଉଦଳା**

ବସ ମାଲିକ ସଂଘ ଟର୍ମିନାଲ ନିର୍ମାଣ ଦିଗରେ ଜିଲ୍ଲାପାଳଙ୍କଠାରୁ ଓଏସଆରଟିଏସ ଉପଜିଲ୍ଲପାଳ ସମେତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ଠିକ ଓ ବଡ ସ୍ଥାନରେ ନିର୍ମାଣ ଦିଗରେ ବସ ମାଲିକ ସଂଘ ଚେଷ୍ଟା ଜାରି ରଖିଛି।

**- ହରପ୍ରସାଦ ଦାସ, ବସ ମାଲିକ ସଂଘ, ସମ୍ପାଦକ, ଉଦଳା**

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖୁଣ୍ଟ, ୨।୭(ସମିସ): ମୟୂରଭଞ୍ଜର ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ବଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମଚନ୍ଦ୍ର ପାଣିଗ୍ରାହୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା 'ମୋ ସ୍କୁଲ ଅଭିଯାନ'ର ସଭାପତି ବିନୋଦ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ସମେତ ବିଦ୍ୟାଳୟକମିଟିର ସଭ୍ୟସଭ୍ୟା ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ଶ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟକାଳ ଉପରେ ଆଲୋକପାତ କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପୂର୍ବରୁ ସେ ଚତୁରାଞ୍ଜଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ, ଶିମିଳିପାଳ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଳିପୋଷି ଓ ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇ ଥିଲେ। ସେ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ଏ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି।

## ନୂତନ ଆଇନ ସଂକ୍ରାନ୍ତ ସଚେତନତା ସଭା



ବିଶୋଇ, ୨।୭ (ସମିସ): ବିଶୋଇ ଥାନା ପକ୍ଷରୁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା 'ନୂତନ ଭାରତର ନୂତନ ଆଇନ' ସମ୍ବନ୍ଧୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ମିନି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ର ମୋହନ ଗିରି ଯୋଗଦେଇ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ପ୍ରତ୍ୟେକ ପୀଡିତାକୁ ସୁନିଶ୍ଚିତ ନ୍ୟାୟ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ, ଦ୍ୱରିତ ନ୍ୟାୟ ପାଇଁ ସଠିକ ସମୟରେ ମାମଲାର ବିଚାର, ଅନଲାଇନ ଏଫ.ଆଇ.ଆର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର ପ୍ରମୁଖ ନୂତନ ଆଇନ ଦ୍ୱାରା ମିଳୁଥିବା ଲାଭ ସମ୍ବନ୍ଧରେ ଆଲୋଚନା କରିଥିଲେ। ସଭାରେ ବିଶୋଇ ବ୍ଲକର ସମସ୍ତ ପିଆରଆଇ ମେମ୍ବର, ୱାର୍ଡ ସଭ୍ୟ, ଜନ ସାଧାରଣ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏ.ଏସ୍.ଆଇ କାହ୍ନୁଚରଣ ମାଝୀ, ମଣଦା ଫାଣ୍ଡି ଅଧିକାରୀ ଶରତ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆଇନ କାର୍ଯ୍ୟକାରିତା ନେଇ ସଚେତନତା ସଭା

କରଞ୍ଜିଆ, ୨।୭(ସମିସ): ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଆଜି କରଞ୍ଜିଆ ଥାନା ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ନିରଜ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ କରଞ୍ଜିଆ ଓକିଲ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି, ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, କର୍ଣ୍ଣାର୍ଜୁନ ସାହା ଯୋଗଦେଇ ନୂତନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଇନ ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ କରାଗଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୁଳିଅଣା, ୨।୭(ସମିସ): ବାଇଗଣବାଡିଆ ବି.ବି.ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଗଣିତ ବିଭାଗର ମୁଖ୍ୟ ଡ. କେଦାରଚନ୍ଦ୍ର ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷା ଡ. ଅଳକା ମଞ୍ଜରି ଭୂୟାଁଙ୍କ ସଭାପତିତ୍ୱ କରିଥିଲେ। ସେ ୧୯୯୦ ମସିହାରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ୨୦୦୭ ମସିହାରେ ବରିଷ୍ଠ ଅଧ୍ୟାପକ ଓ ୨୦୧୭ ମସିହାରେ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ବେଶ୍ ପରିଚିତ। ସେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ, ବୋର୍ଡ ଅଫ ଷ୍ଟଡିଜର ସଦସ୍ୟ ଏବଂ ବୋର୍ଡ ଅଫ୍ କଣ୍ଡକ୍ଟ ଏକଜାମିନେସନ ସଦସ୍ୟ ହିସାବରେ କାର୍ଯ୍ୟ କରି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ରୀନାଥ ସାମଲ, ଡ. ଶୁଭେନ୍ଦୁ ଦାସ, ଡ. ସଂଯୁକ୍ତା ମହାନ୍ତି, ଡ. ଶରତ ମହାନ୍ତି, ବନ୍ଦିତା ସ୍ୱାଇଁ ପ୍ରମୁଖ ଡ. ପରିଡ଼ାଙ୍କ ଗୁଣଗାନ କରିଥିଲେ। ଶେଷରେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବେତନଟୀରେ ନୂତନ ବିଚାରପତିଙ୍କ ଯୋଗଦାନ

ବେତନଟୀ, ୨।୭(ସମିସ): ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଚାରପତି ଭାବେ ରଶ୍ମିନାରାୟଣୀ ମିଶ୍ର ସୋମବାର ଯୋଗଦାନ କରିଛନ୍ତି। ଏଠାରେ ପୂର୍ବରୁ ଥିବା ବିଚାରପତି ଏ. ଅବିନାଶ ନାଇଡୁଙ୍କ ଗଞ୍ଜାମ ଜିଲ୍ଲା ପୋଲସରାକୁ ବଦଳି ହୋଇଥିଲା। ଏହି ଅବସରରେ ବାର ଆସୋସିଏସନର ସଭାପତି ଲମ୍ବୋଦର ମହାନ୍ତ, ସମ୍ପାଦକ ପ୍ରବୀର ବାରିକଙ୍କ ସମେତ ସମସ୍ତ ଆଇନଜୀବୀ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

## ନୂତନ ଅପରାଧିକ ଆଇନକୁ ପାଞ୍ଚପୀଢ଼ ସାମ୍ବାଦିକ ସଂଘର ସ୍ୱାଗତ

କରଞ୍ଜିଆ, ୨।୭(ସମିସ): ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେଉଥିବା ଭାରତୀୟ ନ୍ୟାୟ ସଂହିତା -୨୦୨୩, ଭାରତୀୟ ନାଗରୀକ ସୁରକ୍ଷା ସଂହିତା -୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର କାର୍ଯ୍ୟକାରୀ ନେଇ ପାଞ୍ଚପୀଢ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସଂଘ ସଭାପତି ଉମାଶଙ୍କର ଦାସ, କୋଷାଧ୍ୟକ୍ଷ ସୁରୋଜ ସିଂ (ରିଙ୍କୁ) ସମେତ ଅନ୍ୟାନ୍ୟ ସଦସ୍ୟମାନେ କହିଥିଲେ ଯେ, ଏହି ଆଇନ ଲୋକଙ୍କୁ ଅଧିକରୁ ଅଧିକ ଅଧିକାର ଦେବ। ପ୍ରକୃତ ଅପରାଧୀ ଅଧିକ ଦଣ୍ଡ ପାଇବ। ଏଥିସହିତ ଅପରାଧୀ ସଂଖ୍ୟା ମଧ୍ୟ କମିଯିବ। ଏଣିକି ନାଗରିକମାନେ ଠିକ ନ୍ୟାୟ ପାଇବେ ବୋଲି ମତ ପ୍ରକାଶ କରିଛନ୍ତି।

## ନାଗରିକ ମଞ୍ଚ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ



କରଞ୍ଜିଆ, ୨।୭(ସମିସ): କରଞ୍ଜିଆ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ଏନଏସି ଅଧ୍ୟକ୍ଷ ଭୁବନବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ଡାକ୍ତର ଦିବସ ପାଳିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ମାନିତ ଅତିଥିଭାବେ କରଞ୍ଜିଆ ଓକିଲ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି, ସମାଜସେବା ଦିଲ୍ଲୀପ କୁମାର ସାହୁ, ଡାକ୍ତରଖାନା ଅଧୀକ୍ଷକ ଦାକ୍ତର ଅନିତା ସିଂ ଯୋଗଦେଇ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କ ଜନ୍ମ ଦିନକୁ ଜାତୀୟ ଡାକ୍ତର ଦିବସ ପାଳନର ତତ୍ପର୍ଯ୍ୟ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଓକିଲ ସଂଘ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ଡାକ୍ତର କ୍ଷିରେନ୍ଦ୍ର ନାଥ ପତି, ଡାକ୍ତର ସୁଲଚନା ନାଏକ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, ଚନ୍ଦ୍ରକୁମାର ଲଲାଟେନ୍ଦୁ ଦାସ ପ୍ରମୁଖଯୋଗ ଦେଇ ଜାତୀୟ ଡାକ୍ତର ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷ ରେ ଲକ୍ଷ୍ମୀଧର ସିଂ ସମସ୍ତ ଧନ୍ୟବାଦ୍ ଦେଇଥିଲେ।

## ଭାରତୀୟ ସାନ୍ତାଳୀ ଫେଡେରେସନର ସାଧାରଣ ପରିଷଦ ବୈଠକ

ବିଶୋଇ, ୨।୭ (ସମିସ) : ଭାରତୀୟ ସାନ୍ତାଳୀ ଫେଡେରେସନର ୨୫ତମ ସାଧାରଣ ପରିଷଦ ବୈଠକ ବିଶୋଇ ପଞ୍ଚାୟତ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭ ପୂର୍ବରୁ ପ୍ରଥମେ ମଗଜିୟା ବୁଦ୍ଧିରାମ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଜାତୀୟ ସଙ୍ଗୀତ ଗାନ କରାଯାଇ ଆରମ୍ଭ କରାଯାଇଥିଲା। ମାତୁରାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୁଧୁଲ ସଦସ୍ୟ ସାୱନା ଚରଣ ସୋରେନ, ଛାତ୍ର ସଙ୍ଗଠକ ତଥା ସଙ୍ଗଠନ ସଂସ୍ଥାପକ 'ଗୁଗ୍ ସମ୍ବତ ୫୦୦୦' କ୍ୟାଲେଣ୍ଡର ଗଣକ ଏବଂ ଭାଷା ବିଜ୍ଞାନ ଗୁରୁ ଲଛମନ ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସଂଗଠନର 'ସ୍ମରଣିକା' ଏବଂ ସାନ୍ତାଳୀ ପତ୍ରିକା 'ସାରା ସେଙ୍ଗେଲ' ପ୍ରକାଶନ କରାଯାଇଥିଲା। ସଂଗଠନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ହାଁସଦା ସଭା ସଞ୍ଚାଳନ ଓ କମିଟିର ଅଧ୍ୟକ୍ଷ ଗୋପାଲ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୟୂରଭଞ୍ଜ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟରୁ ବହୁ ସଂଖ୍ୟକ ସଦସ୍ୟ ଯୋଗଦେଇଥିଲେ।

## ଜାତୀୟ ଡାକ୍ତର ଦିବସ ପାଳିତ

ରାଇରଙ୍ଗପୁର, ୨।୭(ସମିସ): ରେଡି ଭଲଣ୍ଟିଅର୍ସ, ଓଡ଼ିଶା, ରାଇରଙ୍ଗପୁର ଦ୍ୱାରା ଜାତୀୟ ଡାକ୍ତର ଦିବସ ପାଳିତ ହୋଇ ଯାଇଛି। କ୍ୟାପଟେନ ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସେ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କ ସାମାଜିକ ଓ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ଅବନୀ ନାୟକ ଯୋଗଦେଇ ଡାକ୍ତର ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରୀତି ରାଜ, ସୁଭଦ୍ରା ବାରିକ, ଉଷସୀ ବେହେରା, ଜୟଶ୍ରୀ ବେହେରା, ଆଦିତ୍ୟ ଗୁପ୍ତା, ପିୟୁଷ ବଳ, ଅବିନାଶ ମହାନ୍ତ, ତପାଇ ବେହେରା, ସୁନୀତା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

ବାରିପଦା, ୨।୭(ସମିସ): ବାରିପଦା ବ୍ଲକ ବୁଢ଼ିଖମାରୀ ପଞ୍ଚାୟତରେ ଥିବା ସାଇ ବିଦ୍ୟା ମନ୍ଦିର ପରିସରରେ ୭୫ତମ ବନ ମହୋତ୍ସବ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଡ଼କ୍ଟର ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ସମ୍ମାନିତ ଅତିଥି ଭାବରେ ସହକାରୀ ବନସଂରକ୍ଷକ ଅରୁଣ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବରେ ବନାଞ୍ଚଳ ଅଧିକାରୀ ଶ୍ରଦ୍ଧେୟ ମନ୍ତ୍ରୀ, ସମ୍ମାନିତ ବକ୍ତା ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ସଂଯୋଜକ ହେମନ୍ତ କୁମାର ଦାଶ ଯୋଗଦେଇ ବନ ମହୋତ୍ସବର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି



ଶ୍ରୀ ମହେଶ ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ସ୍ମୃତି ବନ'ର ସୁରକ୍ଷା ଓ ବିକାଶ ପାଇଁ ବରିଷ୍ଠ ନାଗରିକ ମଞ୍ଚକୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସ୍ମୃତିର ସ୍ୱାକ୍ଷର ସ୍ୱରୂପ ଜନ୍ମଦିନରେ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ। ସାଇ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଚେୟାରମ୍ୟାନ ଡ. ପ୍ରଭଞ୍ଜନ ରାଉତ ଅତିଥି ପରିଚୟ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ରଚିତ 'ମା ପାଇଁ ଗଛଟିଏ ଆସ ଲଗାଇବା' ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରକୃତି ବନ୍ଧୁ ଶିକ୍ଷୟିତ୍ରୀ ଝୁମର ରାଣୀ ବିଦ୍ୟୁମତୀ ମହାନ୍ତ ଝୁମର ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ସାଇ ବିଦ୍ୟା ମନ୍ଦିର ପରିସରରେ ଶତାଧିକ ଫଳ ଏବଂ ଫୁଲ ଗଛ ରୋପଣ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ଏ.କେ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍‌ସିଏଏମ

ସେହିପରି ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁଙ୍କ ପୌରୋହିତ୍ୟରେ ୭୫ତମ ବନ ମହୋତ୍ସବ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ଏ.ଉମା ମହେଶ ମୁଖ୍ୟଅତିଥି ଭାବେ ଯୋଗଦେଇ



ଏକ ଚାରାରୋପଣ ମାଧ୍ୟମରେ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଏସିଏଫ ଅରୁଣ କୁମାର ବିଶ୍ୱାଳ ଓ ରବିନାରାୟଣ ମହାନ୍ତି, ରେଞ୍ଜର ଶ୍ରଧେୟ କୁମାର ମନ୍ତ୍ରୀ, ଫରେଷ୍ଟ ଅଫିସର କୃଷ୍ଣଚନ୍ଦ୍ର ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଏନଏସ୍‌ଏସ୍ ସଂଯୋଜକ ଡ଼. ବସନ୍ତ କୁମାର ମହାନ୍ତ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଫିସର ଡ଼. ଅନାମ ରାଉଳ ବିଶେଷ ଅତିଥି ଭାବରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟ ଏବଂ ମହାରାଜପୁର ଗ୍ରାମରେ ୫୦୦ଟି ଚାରା ରୋପଣ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଧ୍ୟାପିକା ମୀରା ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଭଞ୍ଜସେନା

ମୋରଡ଼ା : ସୋମବାରଠାରୁ ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ଜୁଲାଇ ପ୍ରଥମ ସପ୍ତାହରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଭଞ୍ଜସେନାର ମୋରଡ଼ା ବ୍ଲକ ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ କର୍ମୀମାନେ ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା ଛପା ହୋଇଥିବା ଧଳାଟି ସାର୍ଟ ପିନ୍ଧି ଧର୍ମାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନରେ ଶ୍ୱେତ ଚନ୍ଦନ ଗଛ ଲଗାଇଥିବା ଦେଖିବାକୁ ମିଳିଛି। ପ୍ରଥମେ ସମସ୍ତ ଭଞ୍ଜସେନା କର୍ମୀମାନେ ଚିତ୍ରଡା ଜଗନ୍ନାଥ ମନ୍ଦିର, ଭୈରବୀ ମନ୍ଦିର, ବାବା ଚିତ୍ରେଶ୍ୱର ଶିବ ମନ୍ଦିରରେ ବୃକ୍ଷରୋପଣ କରିବା ସହିତ ବୃକ୍ଷର ଯତ୍ନ ନେବେ ବୋଲି ପ୍ରତିଜ୍ଞା କରିଥିଲେ। ଶେଷରେ ଚିତ୍ରଡା ମହାବିଦ୍ୟାଳୟ ପରିସରରେ ଥିବା ବଗିଚାରେ ଅଧ୍ୟାପିକା ସୌଦାମିନୀ ସିଂଙ୍କ ସହିତ ବୃକ୍ଷରୋପଣ କରିଥିଲେ। ଭଞ୍ଜସେନା କର୍ମୀ ଦିଲୁ ମହାନ୍ତ, ସତ୍ୟନାରାୟଣ ବେହେରା, ସିପୁ ବେହେରା, ଆଦର୍ଶ ମାଝୀ, ଟିଟଙ୍ଗ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



### ଦୁତିକାଦେଇପୁର ପ୍ରାଥମିକ ବିଦ୍ୟାଳୟ

ଉଦଳା: ଉଦଳା ବ୍ଲକର କଇଁସାରୀ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୁତିକାଦେଇପୁରଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଉଦଳାରେଞ୍ଜ ଅଫିସର ଜଗଦିଶ ଦାଶ, ଫୋରେଷ୍ଟର ଅଙ୍କୁର ମହାଳିକ, ବନରକ୍ଷୀ ଅଞ୍ଜନ କୁମାର ଲେଙ୍କା ଓ ସୌମ୍ୟା ସୁଚରିତା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତଥା ପରିବେଶପ୍ରେମୀ କୁଳମଣି ବେହେରା,



ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଜେନା ସିଆରସିସି ଶାନ୍ତନୁ ଦାଶ, ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ବେହେରା, ସହକାରୀ ଶିକ୍ଷକ ବୀରେନ୍ଦ୍ର ମଢ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ରେଞ୍ଜ ଅଫିସର ପ୍ରଥମେ ପୂଜା ପାଠ କରି ଅଁଳା ଏବଂ ଅଙ୍କୁର ମହାଳିକ ଓ ରବୀନ୍ଦ୍ର ଜେନା ବଉଳ ଚାରାରୋପଣ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ରେଞ୍ଜ ଅଫିସର ମାଆ ପାଇଁ ଗଛଟିଏ ସମ୍ପର୍କରେ ପିଲାଙ୍କୁ କହିଥିଲେ। ନର୍ସରୀରୁ ଆଣିଥିବା ଗଛ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ଲଗାଯିବ ବୋଲି ପ୍ରଧାନଶିକ୍ଷକ ବୈଠକରେ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ବୀରେନ୍ଦ୍ର ମଢ଼େଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟ

ବଡସାହି : ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ୭୫ତମ ବନମହୋତ୍ସବ। ଏହି ପରିପ୍ରେକ୍ଷୀରେ ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟି ସହାୟତା ଓ ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବନମହୋତ୍ସବ




ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା ସଭାରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପେକ୍ସ କମିଟିର ସଭାପତି ଡ. ଶ୍ୟାମସୁନ୍ଦର ଦାସ, ସଂଯୋଜକ ଅରୁଣ କୁମାର ଓତା, ସଦସ୍ୟ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ସଚ୍ଚିଦାନନ୍ଦ ମହାନ୍ତି, ଡ. ରମାକାନ୍ତ ମହାନ୍ତ ଓ ଶିକ୍ଷାବିତ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବନମହୋତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ଗ୍ଲୋବାଲ ୱାର୍ମିଂ ବଢ଼ି ଚାଲିଥିବାବେଳେ ଏହାକୁ କିପରି ରୋକାଯାଇପାରିବ, ସେଥିପାଇଁ ଗଛ ଲଗାଇବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଅତିଥିମାନେ ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ।

### ରାଜାବସା ଭିଏସଏସ୍

ବିଶୋଇ : ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ତଥା ରାଜାବସା ବନ ସୁରକ୍ଷା ସମିତିରେ ମିଳିତ ସହଯୋଗରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏଥିରେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷିରୋଦଚନ୍ଦ୍ର ସିଂ ଉପସ୍ଥିତ ରହି ବୃକ୍ଷରରୋପଣ କରି ପରିବେଶକୁ ସୁରକ୍ଷା ଦେବା ପାଇଁ ଆହ୍ୱାନ କରିଥିଲେ। ସେହିପରି ବନପାଳ ସନତ କୁମାର ବେହରା, ବନପାଳ ଫୁଲମଣି ମହାନ୍ତ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ସଂଯୋଜକ ତାରାକାନ୍ତ ପଣ୍ଡା, ଭିଏସଏସ୍ ସଭାପତି ସୋନିଆ ମୁଣ୍ଡା ପ୍ରମୁଖ ଜୀବଜଗତ ସୁରକ୍ଷିତ ପାଇଁ ବୃକ୍ଷରୋପଣ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ରାଜାବସା



ଗ୍ରାମ ନିକଟ ଜାହିରା ପଡ଼ିଆରେ ୧୦୦ଟି ଶାଗୁଆନ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରାଷ୍ଟାଫ ଭୂଷଣ ମୁଣ୍ଡା, ରାକେଶ ବେହେରା, ବିଜୟ ବାରିକ, ସୁକୁରାମ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଦାବି ପୂରଣ ହେଲାନି; ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ



**ଖୁଣ୍ଟା, ୨।୭ (ସମିସ)**

ଗୋପବନ୍ଧୁନଗର ବ୍ଲକ ଅଧୀନ ରାଣୀବନ୍ଧ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ନିଯୁକ୍ତି ପାଇଥିବା ଜଣେ ପାଚିକାଙ୍କୁ ନେଇ ଏବେ ବିବାଦ ଦେଖାଦେଇଛି। ମଙ୍ଗଳବାର ଗ୍ରାମର କେତେକ ଲୋକ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସୂଚନା ଅନୁଯାୟୀ, ରାଣୀବନ୍ଧ ହାଇସ୍କୁଲରେ ଆଦିବାସୀ ଛାତ୍ରୀନିବାସ ପାଇଁ ୨୦୧୬ ମସିହାରେ କବିତା କୁଆଁରଙ୍କ ସମେତ ସୁମତି ଝରିଆଙ୍କୁ ନିଯୁକ୍ତି ଦିଆଯାଇଥିଲା। କବିତାଙ୍କୁ ବିଧବା ଭାବେ ଅଗ୍ରାଧିକାର ଭିତ୍ତିରେ ତତକାଳୀନ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଦିଆଯାଇଥିଲା। ଏବେ କବିତା ଅନ୍ୟତ୍ର ଦ୍ୱିତୀୟ ବିବାହ କରିଥିବା ଏବଂ ସୁମତୀ ରୋଷେୟାଭାବେ ୮ ବର୍ଷ ଧରି କାର୍ଯ୍ୟକରି ଆସୁଛନ୍ତି। ତେଣୁ ଉଭୟଙ୍କୁ ପରିବର୍ତ୍ତନ କରାଯାଇ ଗ୍ରାମରେ ଥିବା ଅନ୍ୟ ଅସହାୟ ବିଧବାଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ପଦବୀଟି ବାର୍ଷିକ ଚୁକ୍ତିଭିତ୍ତିକ ହୋଇଥିବାରୁ ଗତ ମାର୍ଚ୍ଚ ମାସରେ ଉଭୟଙ୍କ ନବୀକରଣ କରାଯାଇଛି। ତେବେ ଏହି ଘଟଣାର ପୁର୍ନବିଚାର କରାଯାଇ ଗ୍ରାମର ଅନ୍ୟ ଅସହାୟ ବିଧବା ମହିଳାଙ୍କୁ ଅନୁରୂପ ଚୁକ୍ତିଭିତ୍ତିର ନିଯୁକ୍ତି ଦେବାକୁ ଜିଲ୍ଲାପାଳ, ଖୁଣ୍ଟା ପୁଲିସ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଜୁଲାଇ ୨ ତାରିଖରୁ ତାଲା ପକାଇ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଦାବିପତ୍ର ମାଧ୍ୟମରେ ପ୍ରଶାସନକୁ ଅବଗତ କରାଇଥିଲେ। ହେଲେ ଦୁଇ ତାରିଖ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗ୍ରାମବାସୀ ମଙ୍ଗଳବାର ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ପ୍ରତିବାଦ କରିଥିଲେ। ଏନେଇ ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଘଟଣାସ୍ଥଳରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସିଂ, ପ୍ରଧାନଶିକ୍ଷକ ଶ୍ରୀ ସେଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ଝରିଆ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟର ତାଲା ଖୋଲିଥିଲା।

## ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି

**କଳାବାଡିଆ, ୨।୭ (ସମିସ):** ବାଙ୍ଗିରିପୋଷି ଥାନା ବୁଡାମରା ଗ୍ରାମର ପ୍ରେମାଞ୍ଜନ ସେଠୀଙ୍କ ମା' ଶରଳାବାଳା ସେଠୀ (୭୦) ଘରେ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରୁ ସମସ୍ତ ସୁନା ଗହଣା ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଶ୍ରୀ ସେଠୀଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ବାରିପଦାରେ ରହି ଚିକିତ୍ସିତ ହେଉଛନ୍ତି। ଗାଁରେ ସାନବୋହୂ ଦୀପାଳି ଓ ବାର ବର୍ଷର ପୁଅ ସହିତ ରୁହନ୍ତି। ଦୀପାଳିଙ୍କ ସ୍ୱାମୀ ପ୍ରେମାଞ୍ଜନ ବାହାରେ କାମ କରନ୍ତି। ସୋମବାର ରାତି ମା ଓ ପୁଅ ଗୋଟିଏ କୋଠରୀରେ ଶୋଇଥିବା ବେଳେ ଶାଶୂଙ୍କ କୋଠରି ଆଲମାରୀରୁ ସୁନା ଗହଣା ଚୋରି ହୋଇଯାଇଛି। ଗୋଟିଏ ସୁନା ହାର, ୪ଟି କାନଫୁଲ, ୪ଟି ମୁଦୀ, ରୂପା ପାଉଁଜି, ଝୁଣ୍ଟିଆ ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଦ୍ୱିତୀୟ ପୁତ୍ର ସତ୍ୟରଞ୍ଜନ ଲିଖିତ ଅଭିଯୋଗ କରିଛନ୍ତି। ସୁନା ଗହଣା ସହିତ ଘରର ଜମିପଟ୍ଟା, ସାର୍ଟିଫିକେଟ ମଧ୍ୟ ମସବୁ ଚୋରି ହୋଇଯାଇଛି। ସବ୍‌ଇନ୍ସପେକ୍ଟର ସସ୍ମିତା ସାମଲ ସହିତ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛନ୍ତି।

## ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ବିରୋଧ କରି ବିଜେପିର ବିକ୍ଷୋଭ ପ୍ରଦର୍ଶନ




**ବାରିପଦା, ୨।୭ (ସମିସ):** ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦରେ ମହାଦେବଙ୍କ ଫଟୋ ଦେଖାଇ ବିଜେପିକୁ ଟାର୍ଗେଟ କରିଛନ୍ତି। ତେବେ ଏହାକୁ ନେଇ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହିନ୍ଦୁ ସମାଜକୁ ହିଂସାତ୍ମକ କହି ମନ୍ତବ୍ୟ ପ୍ରଦାନ କରିବା ହିନ୍ଦୁ ସମାଜ ପ୍ରତି ନିନ୍ଦନୀୟ ବୋଲି ବିଜେପି ପକ୍ଷରୁ ଅଭିଯୋଗ କରଯାଇଛି। ତେଣୁକରି ରାହୁଲ ଗାନ୍ଧୀ ନିଜ ମନ୍ତବ୍ୟ ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବା ପାଇଁ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ବାରିପଦା ସ୍ଥିତ ଟ୍ରାଫିକ ଛକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଉପସ୍ଥିତିରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନତା ମନ୍ତବ୍ୟ ହିନ୍ଦୁମାନଙ୍କୁ କଷ୍ଟ ଦେଇଛି। ଏଥିସହିତ ସେ ସଂସଦର ଗାରିମା ନଷ୍ଟ କରୁଛନ୍ତି। ତେଣୁ ସେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ବିକ୍ଷୋଭରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୁଖପାତ୍ର କବିବିଷ୍ଣୁ ଶତପଥୀ, ଦେବବ୍ରତ ସାମଲ, କୁମାର ମଙ୍ଗଳମ, ସୁବ୍ରତ ମୁଖୀ, ଶଙ୍କର୍ଷଣ ପଣ୍ଡା, ବିକାଶ ବାରିକ, ସୌମ୍ୟ ରଞ୍ଜନ ମିଶ୍ର, ସାଗର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ବନାଞ୍ଚଳରେ ବନ ମହୋତ୍ସବ ସପ୍ତାହ ପାଳିତ



**ରାଇରଙ୍ଗପୁର, ୨।୭ (ସମିସ):** ରାଇରଙ୍ଗପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୭୫ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ରାଇରଙ୍ଗପୁର ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବନପାଳ ବିପିନଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ମୁଖ୍ୟ ଅତିଥି, ପରିବେଶବିତ୍ ଲଳିତ କୁମାର ମହାନ୍ତ ମୁଖ୍ୟବକ୍ତା ଓ ଶିକ୍ଷକ ରଞ୍ଜନ ନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବନାଞ୍ଚଳ କର୍ମଚାରୀ ଦୁଷ୍ମନ୍ତ ଦାସ, ରଞ୍ଜିତା ମହାନ୍ତ, ଯଶୋବନ୍ତ ମହାକୁଡ, ବନପାଳ ମେନକା ନାଏକ, ବନରକ୍ଷୀ ସୁଭଦ୍ରା ପାତ୍ର ଓ ପାରା ଷ୍ଟାପ୍ ସିପୁନ ମହାନ୍ତ, ବାବୁଲୁ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପୁରୁଣାପାଣି ପଞ୍ଚାୟତର ସାନଚମ୍ପାଉଦାଠାରେ ମାଖ ମନସା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାରାରୋପଣ କରାଯାଇଥିଲା। ରେଞ୍ଜ ଅଫିସର ଜ୍ୟୋତିରଞ୍ଜନ ସେନାପତି, ପରିବେଶବିତ୍ ଲଳିତ କୁମାର ମହାନ୍ତ, ବନପାଳ ବିପିନ ଚନ୍ଦ୍ର ବେହେରା, ସଂଯୋଜକ ଶୁଭ୍ରାଂଶୁ ନାୟକ, ରଞ୍ଜିତା ମହାନ୍ତ ଓ ବନରକ୍ଷୀ ଦୁଷ୍ମନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## କାଜୁବାଦାମ ବାଙ୍କରେ ପୁଣି ଯୁବକଙ୍କୁ ଲୁଟ୍

**ବଡ଼ସାହି, ୨।୭ (ସମିସ):** ବଡସାହି ଥାନା ଅଧୀନ କାଜୁବାଦାମ ବାଙ୍କ ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ କରି ତାଙ୍କଠାରୁ ୨ହଜାର ଟଙ୍କା, ଗୋଟିଏ ବ୍ୟାଗ ଓ ବାଇକ୍‌ଟିକୁ ୨ଜଣ ଦୁର୍ବୃତ୍ତ ଲୁଟିନେଇ ପଳାଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ, କାଜୁବାଦାମ ନିକଟ ଆମ୍ବଡାଳୀ ବିଦ୍ୟୁତ ସେକ୍ସନରେ ବୈଶିଙ୍ଗା ଥାନା ଅଧୀନ ମଧୁନଣ୍ଡା ଗ୍ରାମର ନିରଞ୍ଜନ ସାସମଲଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର (୨୯) ସୋମବାର ବିଳମ୍ବିତ ରାତିରେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ କାଜୁବାଦାମ ବାଙ୍କ ନିକଟରେ ୨ଜଣ ଯୁବକ ଏକ ବାଇକ୍‌ରେ ପହଞ୍ଚି ଏକ କଟୁରୀ ବେଣ୍ଟରେ ତାଙ୍କ ଡାହାଣ ହାତକୁ ଆକ୍ରମଣ କରିଥିଲେ। ଫଳରେ ସେ ପଡ଼ିଯିବାରୁ ତାଙ୍କର ୨ ହଜାର ଟଙ୍କା, ଏକ ବ୍ୟାଗ ଓ ବାଇକ୍‌ଟିକୁ ଛଡାଇ ନେଇ ପଳାଇଥିଲେ ଦୁର୍ବୃତ୍ତ।

## ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

**ବିଶୋଇ, ୨।୭ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ବାଙ୍କୀ ଗ୍ରାମ ନିକଟସ୍ଥ ୫୦ ନଂ. ରାଜ୍ୟ ରାଜପଥ କଡ଼ରେ ଏକ ଦୋକାନ ଗୃହରେ ଆଜି ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ବିଜାତଳା ବ୍ଲକର ବିଜାତଳା ଗ୍ରାମର ବିଶ୍ୱନାଥ ବେହେରା (୩୦)। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୂଚନାଯୋଗ୍ୟ କି, ବିଶ୍ୱନାଥ ଗତକାଲି ବିଶୋଇ ଥାନା ଅନ୍ତର୍ଗତ ଭୋଳବେଡା ଗ୍ରାମ ସ୍ଥିତ ନିଜ ଭିଣୋଇ ଘରକୁ ଆସିଥିଲେ। ଗତକାଲି ରାତିରେ ଖାଇପିଇ ସେ ଘରୁ କୁଆଡେ ପଳାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ବାଙ୍କୀ ଗ୍ରାମ ନିକଟ ଏକ ଦୋକାନ ଘର ଚାଳିଆରେ ଝୁଲନ୍ତା ବିଶ୍ୱନାଥଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରେ ପୁଲିସ ପହଞ୍ଚି ତଦନ୍ତକରି ଫେରିଛି। ରାଇରଙ୍ଗପୁରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ତେବେ ବିଶ୍ୱନାଥଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ପାଣିଘେରରେ ସରଧା ପ୍ରାଥମିକ ବିଦ୍ୟାଳୟ: ଦୁର୍ଦ୍ଦଶା ଭୋଗୁଛନ୍ତି ଛାତ୍ରଛାତ୍ରୀ



**କରଞ୍ଜିଆ, ୨।୭ (ସମିସ):** ଶିକ୍ଷା ବିକାଶ ପାଇଁ ଗତ ସରକାର ସମୟରେ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ଏପରିକି ୫-ଟି ଯୋଜନାରେ ସାମିଲ କରାଯାଇ ବିଦ୍ୟାଳୟଗୁଡିକର ଉନ୍ନତି ହେବା ସହିତ ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯାଇଛି। 'ସମସ୍ତେ ପଢ଼ନ୍ତୁ-ସମସ୍ତେ ବଢ଼ନ୍ତୁ' ଆଧାରରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ସରକାର ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି; ହେଲେ କରଞ୍ଜିଆ ବ୍ଲକ ବଡ଼ଦେଉଳି ପଞ୍ଚାୟତ ଶରଧା ପ୍ରାଥମିକ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ଗତ ୧୯୫୭ ମସିହାରେ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। କିନ୍ତୁ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ରହିଥିବାରୁ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମର ଶେଷ ଭାଗରେ ରହିଛି ଏହି ବିଦ୍ୟାଳୟ। ପରିସରରେ ବର୍ଷତମାମ ପାଣି ଜମି ରହୁଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲକୁ ଯାତାୟାତ ପାଇଁ ଥିବା ରାସ୍ତା ମରଣଯନ୍ତା ପାଲଟିଛି। ସ୍କୁଲ ଫାଟକ ସମ୍ମୁଖରେ ବର୍ଷକ ବାରମାସ ପାଣି ଜମି ରହୁଛି। ଫଳରେ ପିଲା ସ୍କୁଲ ଯିବାକୁ ହେଲେ ଆଣ୍ଠୁଏ ପାଣିରେ ଯାଉଛନ୍ତି। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ଦେଇ ଗ୍ରାମବାସୀ ସମେତ ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟନସ୍ଥଳ ତ୍ରିଧାରାକୁ ମଧ୍ୟ ପର୍ଯ୍ୟଟକ ଯାତାୟାତ କରିଥାନ୍ତି। ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଲୋକେ ପାଣିକାଦୁଅରେ ଯାଉଛନ୍ତି। ଏବେ ବର୍ଷା ଋତୁ ଆସିଯାଇଥିବାରୁ ସାମାନ୍ୟ ଅସରାଏ ହେଲେ ସ୍କୁଲ ପରିସରରେ ପାଣି ଭର୍ତ୍ତି ହୋଇଯାଉଛି। ଫଳରେ ପିଲାମାନେ ସ୍କୁଲକୁ ନ ଆସିପାରୁ ନ ଥିବାରୁ ଉପସ୍ଥାନ ମଧ୍ୟ କମୁଛି। ଏହି ବିଦ୍ୟାଳୟ ଏବେ ହୀରକ ଜୟନ୍ତୀ ପାଳନ କରିବା କଥା; କିନ୍ତୁ ସ୍କୁଲ ଦୁର୍ଦ୍ଦିନରେ ଗତି କରୁଥିବାରୁ ତାହା ସମ୍ଭବ ହେଉନି। ତେଣୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କରଞ୍ଜିଆ, ୨।୭ (ସମିସ):** ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ମମତାରାଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପାଞ୍ଚପୀଢ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ରାଜନ ବିହାରି ସାହୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷା ପୂର୍ଣ୍ଣିମା ମହାନ୍ତି, ଉମେଶ କୁମାର ଅଗ୍ରୱାଲା ଯୋଗଦେଇ ଶ୍ରୀ ପୃଷ୍ଟି ଏବଂ ଅବସର ନେଇଥିବା ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି କଲେଜରେ ବିଶ୍ୱ ରକ୍ତଶିକୁଳି ଦିବସ

**ବଡ଼ସାହି, ୨।୭ (ସମିସ):** ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ବିଜ୍ଞାନର ମୁଖ୍ୟ ଜୀବନ କୁମାର ପଣ୍ଡିତ, ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ନିବେଦିତା ବେହେରା, ପ୍ରଫେସର ଫକିର ଚରଣ ସାହୁ, ସଞ୍ଜୟ କୁମାର ଜେନା, ସୁକାନ୍ତ କୁମାର ଦାସ ଓ ରଞ୍ଜିତା ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଡ. ରିତୁଲତା ବିଶ୍ୱାଳ ମଞ୍ଚ ପରିଚାଳନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଶ୍ରବଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଟଙ୍କା ବ୍ୟାଗ୍ ଲୁଟିନେଲେ ଦୁର୍ବୃତ୍ତ

**ବଡ଼ଡାଳିମା/ତିରିଙ୍ଗ, ୨।୭ (ସମିସ):** ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଡାଳିମାରେ ଛିନତାଇ ଓ ଚୋରମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଲଡିହା ସାହିର ରକ୍ମଣୀ ତୁଙ୍ଗ ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ବ୍ୟାଙ୍କ ଅଫ ଇଣ୍ଡିଆରୁ ୩୦ ହଜାର ଉଠାଇ ଏକ ବ୍ୟାଗରେ ରଖି ଘରକୁ ଫେରୁଥିଲେ। ହଠାତ୍ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କର ଟଙ୍କା ବ୍ୟାଗକୁ ଝାମ୍ପି ନେଇ ପଳାଇଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରୋଲୋକ

**ବଡ଼ଡାଳିମା/ତିରିଙ୍ଗ, ୨।୭ (ସମିସ):** ବଡ଼ଡାଳିମା ରତନସାହି ନିବାସୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମହାନ୍ତଙ୍କ ଗତ ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ସେ ବହୁ ବର୍ଷ ଧରି ବଡ଼ଡାଳିମା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ପଦୋନ୍ନତି ପାଇ ରାୟଗଡ଼ା ଜିଲ୍ଲାକୁ ଯାଇ ସେଠାରୁ ୨୦୦୭ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ଲୋକପ୍ରିୟ ଶିକ୍ଷକ ଥିଲେ। ସେ ଗାୟତ୍ରୀ ଦୀକ୍ଷା ଗ୍ରହଣ କରି ବିଭିନ୍ନ ସ୍ଥାନରେ ଯଜ୍ଞ ଆୟୋଜିତ କରୁଥିଲେ। ତାଙ୍କ ବିୟୋଗରେ ପୁରାତନ ଛାତ୍ର ସୁବ୍ରତ ସାହୁ, ନୀଳମାଧବ ସାହୁ, ଦେବାଶିଷ ସାହୁ, କମଳ ପଣ୍ଡା, ଲୁଲୁ ମହାପାତ୍ର, ସୁନିଲ ସାୟାନ, ଦୀପକ କୁମାର ଆଚାର୍ଯ୍ୟ ଏବଂ ବଡ଼ଡାଳିମା ସାହିତ୍ୟ ଘର ପକ୍ଷରୁ ଅଶୋକ ଚକ୍ର ସାହୁ, ସୁବ୍ରତ ସାହୁ, ଗୋପୀନାଥ ପାହାଡି, ସୁଧୀର ବସା, ସୀତାନାଥ ପାହାଡି ଶୋକ ପ୍ରକାଶ କରିଛନ୍ତି।



## ନୂତନ ପ୍ରଧାନଆଚାର୍ଯ୍ୟଙ୍କ କାର୍ଯ୍ୟରେ ଯୋଗଦାନ

**କରଞ୍ଜିଆ, ୨।୭ (ସମିସ):** କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ ପ୍ରଧାନ ଆଚାର୍ଯ୍ୟ ଭାବେ ମହେନ୍ଦ୍ର କୁମାର ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ମଦନମୋହନ ଦାଶ ଏପ୍ରିଲ୍ ୩୦ରେ ଅବସରନେବା ପରେ ଗିରିଧାରୀ ସାସମଲ୍ ଦାୟିତ୍ୱ ତୁଲାଉଥିଲେ। ଆଜି ପ୍ରଧାନ ଆଚାର୍ଯ୍ୟଙ୍କୁ ପରିଚାଳନା କମିଟି ଓ ଗୁରୁଜୀ ଗୁରୁମା'ଙ୍କ ପକ୍ଷରୁ ସ୍ୱାଗତ କରଯାଇଥିଲା। କମିଟି ସଭାପତି ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ନୂତନ ପ୍ରଧାନ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିବା ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଈଶ୍ୱର ଚନ୍ଦ୍ର ମହନ୍ତ, ଉପ ସଭାପତି ତ୍ରିଲଚନ ସେଠୀ, କୋଷାଧ୍ୟକ୍ଷ କୈଳାଶଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



### ଜିଲ୍ଲାପାଳଙ୍କ ବିଶୋଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

# ପାଠପଢ଼ା ନେଇ ଛାତ୍ରଛାତ୍ରୀଙ୍କ ସହ କଲେ ଆଲୋଚନା

**ବିଶୋଇ, ୨।୭ (ସମିସ)**



ଗତ ୨୭ ତାରିଖରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ୍ଧ ବିଶୋଇ ବ୍ଲକକୁ ତୋଫାନୀ ଗସ୍ତକରି ବିଶୋଇ ଓ ମଣଦାର ସ୍ୱାସ୍ଥ୍ୟକେନ୍ଦ୍ର, ଡାକବଙ୍ଗଳା ଓ ବିଶୋଇ ହାଟ ପରିଦର୍ଶନ କରିବା ସହିତ ଏହାର ଉନ୍ନତିକରଣ ପାଇଁ ପଦକ୍ଷେପ ନେଇଥିଲେ। ଆଜି ଜିଲ୍ଲାପାଳ କୌଣସି ଏକ କାର୍ଯ୍ୟ ପାଇଁ ରାଇରଙ୍ଗପୁର ଯିବାବେଳେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଭିତ୍ତିଭୂମି, ଶିକ୍ଷା ଓ ହଷ୍ଟେଲ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସ୍କୁଲର ଉନ୍ନତିକରଣ ନେଇ ଜନପ୍ରତିନିଧି ଏବଂଓ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟ ଏବଂ ହଷ୍ଟେଲର ଭିତ୍ତିଭୂମି ବିକାଶ ପରଖିବା ସହିତ ବିଡ଼ିଓ ସୁଶ୍ରୀ କାର୍ମୀ ଓରାମ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, ବି ଇଓ ହରେକୃଷ୍ଣ ନାୟକଙ୍କ ସହିତ ଆଲୋଚନା କରିଥିଲେ।

ଏହି ଅବସରରେ ବିଦ୍ୟାଳୟରେ ନୂତନ କ୍ଲାସରୁମ, ରୋଷେଇ ଗୃହ, ଅଡିଟୋରିୟମ, ବ୍ୟାୟାମଶାଳ ଓ ଶୌଚାଳୟ ନିର୍ମାଣ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରେସକ୍ୟୁ, କେଜିଭିବି ସମେତ ୪ଟି ହଷ୍ଟେଲ ରହିଛି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଶିକ୍ଷା ବ୍ୟବସ୍ଥା ରହିଛି। ତେବେ ବିଦ୍ୟାଳୟରେ ଆଜିଯାଏ କୌଣସି ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକରେ ଚାଲିଛି ବିଦ୍ୟାଳୟ। ଜିଲ୍ଲାପାଳ ଅଭିଯୋଗକୁ ଗୁରୁତ୍ୱ ନେଇ ଯଥାଶୀଘ୍ର ବିଦ୍ୟାଳୟରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ନେଇ ବିଭାଗୀୟ ଅଧିକାରୀ ସହିତ ଆଲୋଚନା କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ଏକ ଖୋଲା ବ୍ୟାୟାମଶାଳ, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍.ସି.ସି), ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର.ଏଫ) ଯୋଗାଇଦେବା ପାଇଁ ବିଡ଼ିଓ ଓ ସରପଞ୍ଚ ସହିତ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ତାଙ୍କର ହଷ୍ଟେଲ ରହଣୀ ଓ ଶିକ୍ଷା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ବିଜ୍ଞାନ ଗାର ଓ ଲାଇବ୍ରେରୀର ଖାତାପତ୍ର ସଠିକ ଭାବେ ପରିଚାଳନା ହେଉ ନ ଥିବାରୁ ତାଗିଦ କରିଥିଲେ। ଏହି ସମୟରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଦାବିକଲେ ସ୍ଥାନୀୟବାସୀ

